# ଏବ୍ରୀ, ଅଧ୍ୟାୟ ଦୁଇ ୩

ପୁଣି ସେଠାରୁ, ସେହି 7ମ, ୫ମ, ୨ମ, ୧୦ମ ପର୍ବ, ଓଃ, ମୋର ପ୍ରଭୁ! ନିଜର ପେନ୍ସିଲ ଏବଂ କାଗଜ, ଓ ସବୁକିଛି, ପ୍ରସ୍ତୁତ ରଖନ୍ତୁ, କାରଣ ମୁଁ ବିଶ୍ୱାସ କରେ ଯେ ପ୍ରଭୁ ଆମକୁ ଏକ ବହୁତ ମହାନ ସମୟ ଦେବାକୁ ଯାଉଛନ୍ତି । ତେବେ ଆମେମାନେ...

218 ପାଉଲ ପ୍ରଭୁ ଯୀଶୁଙ୍କୁ, ଯଥୋଚିତ ସ୍ଥାନରେ, ଉଚ୍ଚୀକୃତ ଏବଂ ଉପସ୍ଥାପିତ କରୁଛନ୍ତି । ତେବେ, ଯଦି ଆମେମାନେ ଏହାକୁ ଆଜି ରାତି ସାରି ଦେବା, ତାହାହେଲେ ରବିବାର ସକାଳେ...ଯାହାକି ଏହାର ଅଧିକାଂଶ ଭାଗ ଠିକ ରବିବାର ସକାଳର ବାର୍ତ୍ତା ସହିତ ମିଶିବାକୁ ଯାଉଅଛି, କାରଣ ଏହା "ବିଶ୍ରାମବାରକୁ ପୃଥକ କରିବା" ବିଷୟ ଅଟେ । ତାହା ଆଜି ସାବ୍ବାଟେରିୟାନ୍‌ମାନଙ୍କ ମଧ୍ୟରେ ଏକ ବଡ଼ ପ୍ରଶ୍ନ ଅଟେ । ଏବଂ ମୁଁ ଆପଣ ସମସ୍ତଙ୍କୁ ରବିବାର ସକାଳ ପାଇଁ ଆସିବାକୁ ନିମନ୍ତ୍ରଣ କରିବି । କାରଣ, ଉପାସନା ନିମନ୍ତେ, କେଉଁଟି ଠିକ୍ ଅଟେ, ଶନିବାର ନା ରବିବାର? ବାଇବଲ ଏହା ବିଷୟରେ କଅଣ କୁହେ? ଏବଂ ତେଣୁକରି ତେବେ, ଯେ କେଉଁ ବିଷୟ,...ଏହି ପୁସ୍ତକଟି ବ୍ୟବସ୍ଥା ଏବଂ ଅନୁଗ୍ରହକୁ ପୃଥକ କରୁଅଛି, ଏବଂ ଏହା ପ୍ରତ୍ୟେକ ବିଷୟକୁ ତାର ନିଜ ସ୍ଥାନରେ ରଖୁଅଛି । ଏବ୍ରୀୟମାନେ ବ୍ୟବସ୍ଥା ଦ୍ୱାରା ଲାଳିତ ପାଳିତ ହୋଇଥିଲେ, ଏବଂ ପାଉଲ ସେମାନଙ୍କୁ କହୁଛନ୍ତି ଯେ ବ୍ୟବସ୍ଥା ସହିତ, ଅନୁଗ୍ରହ କଅଣ ଆଚରଣ କଲା ।

219 ତେବେ, ଆସନ୍ତୁ ଆମେମାନେ ବର୍ତ୍ତମାନ ଅଳ୍ପ ଟିକିଏ ପୃଷ୍ଠଭୂମିକୁ ପ୍ରସ୍ତୁତ କରିବା। ଆମେମାନେ ପଛକୁ ଯିବାର ଆରମ୍ଭ କରୁ ।

220 ଅବଶ୍ୟ, ମୁଁ ନିଜ ପାଇଁ କିଛି ପଢ଼ିବାର ଚଷମା ନେଇଛି । ବୋଧହୁଏ ମୁଁ କରିପାରେ... ଯଦି ମୁଁ ଆଜିରାତି ଏକ—ଏକ ଭୁଲ୍ କରିବାକୁ ଯାଏ, ସେହି ହେତୁରୁ ମୁଁ ସେଗୁଡିକୁ ନେଇଛି । ଆପଣ ଜାଣନ୍ତି ଯେ ମୁଁ ସମସ୍ତ...ମୋର ପଚାଶ ବର୍ଷ ବୟସ ସମ୍ପୂର୍ଣ୍ଣ ହେବାରେ କେବଳ ଦୁଇ ବର୍ଷ ବାକି ଅଛି, ଏବଂ ମୁଁ ସେହିପରି ଭାବରେ ଦେଖେ ନାହିଁ ଯେପରି ମୁଁ ପୂର୍ବରେ ଦେଖୁଥିଲି, ମୋତେ ନିକଟବର୍ତ୍ତୀ ଆଣିବାକୁ ପଡ଼େ । ଯେତେବେଳେ ମୋର ଦୃଷ୍ଟିଶକ୍ତି...ମୁଁ ଶବ୍ଦଗୁଡିକୁ ଅସ୍ପଷ୍ଟ ହେଉଥିବାର ଲକ୍ଷ୍ୟ କରିବାକୁ ଲାଗିଲି, ମୁଁ ଭାବିଲି ଯେ ମୁଁ ଅନ୍ଧ ହେଉଅଛି । ମୁଁ ଏକ ପରୀକ୍ଷା ଯାଞ୍ଚ କରିବା ନିମନ୍ତେ ଗଲି । ଡାକ୍ତର କହିଲେ, "ନା, ପୁଅ, ତୁମେ ତ ଠିକ ଚାଳିଶ ବର୍ଷ ଅତିକ୍ରମ କରିଛ ।" ତେବେ, ସେ କହିଲେ, ଯଦି ମୁଁ ଯଥେଷ୍ଟ ବୃଦ୍ଧ ହେବା ହେତୁ ଜୀବିତ ରୁହେ, ତେବେ ଏହା ପୁଣିଥରେ ଫେରି ଆସିପାରେ, ପୁନର୍ବାର ସେହି ନିକଟବର୍ତ୍ତୀ ଦୃଷ୍ଟିକୁ ଆଣିପାରେ । ସେ କହିଲେ, "ବର୍ତ୍ତମାନ, କଅଣ ଆପଣ ନିଜର ବାଇବଲକୁ ପଢ଼ି ପାରନ୍ତି କି ଯଦି ଆପଣ ଏହାକୁ ନିଜଠାରୁ ଦୂରକୁ ନିଅନ୍ତି?"

221 ମୁଁ କହିଲି, "ହଁ ।"

222 କହିଲେ, "କିଛି ସମୟ ପରେ, ଆପଣଙ୍କର ବାହୁ ଯଥେଷ୍ଟ ଲମ୍ବା ହେବାକୁ ଯାଉ ନାହିଁ।"

223 ଏବଂ ତେଣୁକରି ମୁଁ—ମୁଁ ବର୍ତ୍ତମାନ ଆଶା କରେ ଯେ, ଏହି ଅଧ୍ୟୟନରେ, ଯେ ମୁଁ... ଏହି ଛୋଟ କଲିନ୍ସ ବାଇବଲରେ ଏକ ଭଲ-ଆକାରର ଅକ୍ଷର ମୁଦ୍ରଣ ରହିଛି। ମୁଁ ଏହାକୁ ବହୁତ ଭଲ ଭାବରେ ବୁଝିପାରେ। ମାତ୍ର ଯେତେବେଳେ ଆମେମାନେ ସେହି ବଡ଼, ଗଭୀର ସ୍ଥାନଗୁଡିକୁ ଯାଉ ଯେଉଁଠାରେକି ଆମକୁ ନୂତନ ଏବଂ ପୁରାତନ ନିୟମକୁ ଗ୍ରହଣ କରିବାକୁ ପଡିଥାଏ, ଏବଂ ଏକତ୍ର ମିଶ୍ରଣ କରିବାକୁ ପଡିଥାଏ। ମୋ ପାଖରେ ଏକ ଛୋଟ ସ୍କୋଫିଲ୍ଡ ଅଛି। ଏବଂ ମୁଁ ସ୍କୋଫିଲ୍ଡ ବାଇବଲ, ଏହାର ସାଙ୍କେତିକ ଚିହ୍ନଗୁଡିକୁ ପାଠ କରିବାରେ ଅଭ୍ୟସ୍ତ। ମୁଁ ବର୍ତ୍ତମାନ ସ୍କୋଫିଲ୍ଡ ଟିପ୍ପଣୀଗୁଡିକୁ ପଢ଼େ ନାହିଁ, କାରଣ ମୁଁ ସ୍କୋଫିଲ୍ଡ ସହିତ ତାଙ୍କର—ତାଙ୍କର ଅନେକ ସିଦ୍ଧାନ୍ତଗୁଡିକରେ ସହମତ ନୁହେଁ। ମାତ୍ର ମୁଁ—ମୁଁ ଏହାକୁ ତାହା ଯେପରି ଭାବରେ ବ୍ୟବସ୍ଥିତ ଅଟେ ପସନ୍ଦ କରେ, କାରଣ ଏହା...ମୁଁ ଏହାକୁ ଦୀର୍ଘ ସମୟ ଧରି ରଖିଥିଲି, ଏବଂ ଏହାକୁ ପାଠ କରୁଥିଲି, ଏବଂ ଏତେ ଅଧିକ ବ୍ୟବହାର କରୁଥିଲି, ଯେ ଏପରିକି ମୁଁ ମୋର ବିଷୟକୁ କିପରି ଖୋଜିବି ତାହା ଏକପ୍ରକାରେ ଜାଣି ଯାଇଥିଲି।

224 ଏହା ସମ୍ପୂର୍ଣ୍ଣ ଭାବେ ମୋ ପାଇଁ ନୂଆ ଅଟେ, ଶିକ୍ଷାଦାନ ଦେବାରେ, ଏବଂ ମୁଁ ଜଣେ ଶିକ୍ଷକ ପରି ବି ଅଧିକ ନୁହେଁ। ମାତ୍ର, ଆପଣମାନେ ମୋତେ ଅଳ୍ପ ସମୟ ସହିଯାଆନ୍ତୁ, ମୁଁ ଆପଣମାଙ୍କୁ ଯେକୌଣସି ପ୍ରକାରେ ବି, ସତ୍ୟ କହିବି ଯେତେ ଦୂର ମୁଁ ତାହା ଜାଣେ।

225 ବର୍ତ୍ତମାନ, ଏହି ପୁସ୍ତକଟି ହେଉଛି ପାଉଲ ଯିଏକି, ଆପଣଙ୍କର ମନେ ଥିବ, ସେ ଥିଲେ... ଆମେ ତାଙ୍କୁ କିପରି ପାଇଲୁ? ସେ ଆରମ୍ଭରୁ ହିଁ, ଜଣେ ମହାନ ଶିକ୍ଷକ ଥିଲେ, କିମ୍ବା ଜଣେ ମହାନ ପଣ୍ଡିତ ଥିଲେ। ଏବଂ ସେ ପୁରାତନ ନିୟମରେ ତାଲିମପ୍ରାପ୍ତ ହୋଇଥିଲେ। ତେବେ କଅଣ କେହି ମୋତେ ଏହା କହିପାରିବେ ଯେ ତାଙ୍କ ଶିକ୍ଷକ କିଏ ଥିଲେ ବୋଲି ଆମେ କାହାକୁ ପାଉ? [ମଣ୍ଡଳୀ କୁହନ୍ତି, "ଗମଲିୟେଲ୍।"—ସମ୍ପା।] ଗମଲିୟେଲ୍, ସେଦିନର ଜଣେ ଅତି ସୁନାମଧନ୍ୟ ଶିକ୍ଷକ।

226 ଏବଂ ତାହାପରେ ପାଉଲ, ଆମେମାନେ ପାଉ, ଯେ ଦିନେ...ତାଙ୍କୁ *ପାଉଲ* କୁହାଯିବା ପୂର୍ବରୁ, କଅଣ କେହି ମୋତେ ଏହା କହିପାରିବେ କି ଯେ ତାଙ୍କ ନାମ ଥିଲା? [ମଣ୍ଡଳୀ କୁହନ୍ତି, "ଶାଉଲ।"—ସମ୍ପା।] ଶାଉଲ। ଏବଂ ସେ ଯିରୁଶାଲମରେ ସେ ଜଣେ ମହାନ କର୍ତ୍ତୃପକ୍ଷ, ଏକ ଧାର୍ମିକ କର୍ତ୍ତୃପକ୍ଷ ଥିଲେ। ଏବଂ ସେ ଜଣେ—ଜଣେ ପ୍ରକୃତ ତାଲିମପ୍ରାପ୍ତ, ଧାର୍ମିକ ବ୍ୟକ୍ତି ଭାବରେ ବଢି ଆସିଥିଲେ। ସେ ଚାରି କିମ୍ବା ପାଞ୍ଚୋଟି ଭିନ୍ନ ଭାଷା କହିପାରୁଥିଲେ, ଏବଂ ଜଣେ ଅତି ପ୍ରଖର ବ୍ୟକ୍ତି ଥିଲେ। ତେବେ, କଅଣ ତାଙ୍କର ଶିକ୍ଷା ଏବଂ ପ୍ରଖର ବୁଦ୍ଧିମତ୍ତା ତାଙ୍କୁ ସାହାଯ୍ୟ କଲା କି? ନା। ସେ କହିଥିଲେ ଯେ ଖ୍ରୀଷ୍ଟଙ୍କୁ ଶିଖିବା ପାଇଁ, ସେ ଯାହାସବୁ ଜାଣିଛନ୍ତି ତାହା ସବୁକିଛି ତାଙ୍କୁ ଭୁଲିବାକୁ ପଡିଥିଲା।

227 ତେଣୁକରି ଆମେମାନେ ପାଉ ଯେ, ତେବେ, ଏହା ଜଣେ ପ୍ରଖର ବୁଦ୍ଧିମାନ ବ୍ୟକ୍ତି କିଅବା ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ଆବଶ୍ୟକ କରେ ନାହିଁ। ଏହା ତ ଏପରି ଜଣେ—ଜଣେ ବ୍ୟକ୍ତିଙ୍କୁ

ଆବଶ୍ୟକ କରେ ଯିଏକି ଆପଣାକୁ ପରମେଶ୍ୱରଙ୍କୁ ଆଗରେ ନମ୍ର କରିବାକୁ ଇଚ୍ଛୁକ ଅଟେ, ଯାଏ ଆସେ ନାହିଁ ଯେ ତାହା କିପରି ଅଟେ ।

228 କଅଣ ଆପଣ ଜାଣିଛନ୍ତି ଯେ ଡ୍ୱାଇଟ୍ ମୁଡି ଏତେ ଅଧିକ ଅଶିକ୍ଷିତ ଥିଲେ—ଥିଲେ ଯେ ଏପରିକି, ସଠୋଟ, ତାଙ୍କ ଲେଖାଗୁଡିକ ଅତି ନିମ୍ନ ଶ୍ରେଣୀର ଥିଲା ଯେ ମୁଁ ଜାଣେ ନାହିଁ ଯେ ତାହା କଅଣ ଥିଲା । ସେମାନଙ୍କୁ ସବୁ ସମୟରେ, ତାଙ୍କ ବାର୍ତ୍ତାଗୁଡିକୁ ସଜାଡିବାକୁ ପଡିଥିଲା । ସେ—ସେ ଏତେ ଜଣେ ନିମ୍ନ ଧରଣର ଲେଖକ ଥିଲେ, ଅତି ଅଶିକ୍ଷିତ ଥିଲେ ।

229 କଅଣ ଆପଣ ଜାଣିଛନ୍ତି ଯେ ବାଇବଲର, ପିତର ଏବଂ ଯୋହନ, ଏତେ ଅଶିକ୍ଷିତ ଥିଲେ, ଯେ ଏପରିକି ସେମାନେ ନିଜର ନାମ ସୁଦ୍ଧା ଲେଖିପାରି ନ ଥିଲେ, ଏବଂ ଏହା ସୁଦ୍ଧା ଜାଣୁ ନ ଥିଲେ ଯେ ଏହା ସେମାନଙ୍କ ସମ୍ମୁଖରେ ରଖା ହୋଇଅଛି? ପ୍ରେରିତ ପିତର, ଯାହାଙ୍କ ପାଖରେ ରାଜ୍ୟର ଚାବିକାଠି ଥିଲା, ସେ ଏହା ଜାଣୁ ନ ଥିଲେ ଯେ ତାଙ୍କର ନାମ ତାଙ୍କ ସମ୍ମୁଖରେ ଦସ୍ତଖତ ହୋଇଅଛି । ଏହା ବିଷୟରେ ଚିନ୍ତା କରନ୍ତୁ । ବାଇବଲ କୁହେ, ଯେ, “ସେ ଅଜ୍ଞ ଏବଂ ଅଶିକ୍ଷିତ ଥିଲେ ।” ତେଣୁ, ତାହା ମୋତେ ଏକ ସୁଯୋଗ ପ୍ରଦାନ କରେ । ଆମେନ୍ । ହଁ, ମହାଶୟ । ତାହା ଠିକ ସେହି ବିଷୟକୁ ନେଇଯାଏ, ଏହା ଜାଣିବା ହେତୁ ଯେ ପରମେଶ୍ୱର ଜଣେ ମନୁଷ୍ୟ ପ୍ରତି କଅଣ କରିପାରନ୍ତି ।

230 ତେବେ, ଏବଂ ଆମେ ଜାଣିବାକୁ ପାଉ ଯେ, ଠିକ ଯେତେବେଳେ ପାଉଲଙ୍କର ଏକ ବଡ଼ ଅଭିଜ୍ଞତା ରହିଲା…ମୁଁ ଆପଣମାନଙ୍କୁ ପଚାରିବାକୁ ଚାହେଁ । କଅଣ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ତାହା ଏକ ଅନୁଭୂତି ଅଟେ କି? କଅଣ ସମସ୍ତଙ୍କର ଏକ ଅଭିଜ୍ଞତା ରହିଛି କି? ହଁ, ଆଜ୍ଞା । ହଁ, ଆଜ୍ଞା । ଏହା ଏକ ଜନ୍ମ ଅଟେ । ଏହା ଏକ ଅନୁଭୂତି ଅଟେ । ଏବଂ ତେଣୁ ଅଧିକ ଦିନ ହୋଇନାହିଁ, ଆମେମାନେ ଏକ ଲୁଥରାନ୍ ମହାବିଦ୍ୟାଳୟରେ ଥିଲୁ…

231 ଆଜି ଅପରାହ୍ନ, ବିଳମ୍ବିତ ସମୟରେ, ମୋର ସେଠାରେ ଟମ୍ ହେୟାରଙ୍କ ସହିତ—ସହିତ ବାର ଘଟିକାରେ, ରାତ୍ରୀ ଭୋଜନ ନିମନ୍ତେ ରହିବାର ସେହି ସୌଭାଗ୍ୟ ଥିଲା । କେତେଜଣ ତାଙ୍କ ବିଷୟରେ ଶୁଣିଛନ୍ତି, ସେହି ପ୍ରସିଦ୍ଧ, ଆଇରିଶ୍, ପ୍ରାର୍ଥନା ଯୋଦ୍ଧା ସମ୍ବନ୍ଧରେ? ଏବଂ ସେ ଏହି ଭାଇ ଏପ୍ପଙ୍କ ସହ, ତାଙ୍କ କାର୍ଯ୍ୟକ୍ରମରେ ରହି ଆସିଛନ୍ତି, ଏବଂ ଏଠାରେ ଆମେରିକାର ଅନେକ ସ୍ଥାନରେ ଦେଖା ଦେଇଛନ୍ତି । ଏବଂ ମୁଁ ଆଜି ତାଙ୍କ ସହିତ ରାତ୍ରୀ ଭୋଜନ କଲି । ଏବଂ ଆମେମାନେ…ମୁଁ ପ୍ରାୟଃ ତିନି ଘଣ୍ଟା ବିଳମ୍ବ କରିଥିଲି । ଯେତେବେଳେ ଆମେମାନେ ଭୋଜନ କଲୁ, ତାହା ପ୍ରାୟଃ ତିନିଟା-ତିରିଶ, ତିନିଟା ପଇଁଚାଳିଶ ହୋଇ ଯାଇଥିଲା । ମାତ୍ର ଏହା ସବୁ ଠିକ୍ ଥିଲା । ଏବଂ ଆମେମାନେ ଏହି ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲୁ, ଯେ କିପରି ଭାବରେ ଯୀଶୁ ଖ୍ରୀଷ୍ଟ ସମସ୍ତ ବିଷୟର ମୁଖ୍ୟ ଅଟନ୍ତି ।

232 ତେବେ, ଯେତେବେଳେ ପାଉଲ ଏହା ଜାଣିବାକୁ ପାଇଲେ, ତାଙ୍କର ଏହି ଅନୁଭୁତି ରହିଥିଲା । ଏବଂ ତେବେ ଏହା ପୂର୍ବେକି ସେ ଏହି ଅନୁଭୁତିକୁ ଗ୍ରହଣ କରନ୍ତେ, ଏହାକୁ ନିଶ୍ଚିତ

ଭାବରେ ବାଇବଲକୁ ଫେରିବା ଆବଶ୍ୟକ ଥିଲା । ଏବଂ ଆମେମାନେ ପାଉ ଯେ ସେ—ସେ ଏହାକୁ ପରିତ୍ୟାଗ କରି ଅନ୍ୟ ଏକ ଦେଶକୁ ଚାଲିଗଲେ, ଏବଂ ସେଠାରେ ତିନି ବର୍ଷକାଳ ରହିଲେ, ଏବଂ ତାଙ୍କର ଅନୁଭୂତି ଠିକ ଅଛି କି ନାହିଁ ତାହା ଦେଖିବା ପାଇଁ, ଶାସ୍ତ୍ର ଅନୁସନ୍ଧାନ କଲେ ।

233 ତେବେ, ଆମେ ଏହା ହୃଦୟଙ୍ଗମ କରୁ ଯେ ତାଙ୍କୁ ଏକ ମହାନ ବିଷୟକୁ ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କୁ ଫେରି ଆସି ତାଙ୍କର ମଣ୍ଡଳୀକୁ, ସମସ୍ତ ଲୋକମାନଙ୍କୁ ଏହା କହିବାକୁ ପଡିଥିଲା, ଯେ ସେ ଠିକ ଯେଉଁ ବିଷୟଗୁଡିକୁ ନିର୍ଯାତନା ଦେଇଥିଲେ ତାହାସବୁ ଠିକ୍ ଥିଲା ।

234 କଅଣ ଆପଣମାନଙ୍କୁ ସେହିପରି କିଛି ବିଷୟ କରିବାକୁ ପଡିଲା କି? ନିଶ୍ଚିତ ଭାବରେ, ପ୍ରାୟଃ ସମସ୍ତଙ୍କୁ ତାହା,ଫେରିଯାଇ ଏହା କହିବାକୁ ପଡିଥିଲା, "ସେହି ଲୋକମାନେ ଯାହାଙ୍କୁ ଆମେ 'ପବିତ୍ର ପାଖଣ୍ଡ' ବୋଲି ଡାକିଥାଉ, ଏହା ଜାଣିବାକୁ ପାଇଲୁ, ଯେ ସେମାନେ ଠିକ୍ ଅଟନ୍ତି ।" ବୁଝିଲେ? ତାହାହିଁ ଏହା ଅଟେ । ଆମକୁ କେବଳ ଘୁରି ଯିବାକୁ ପଡିଥିଲା । ଏବଂ ଏକଦା ଯେଉଁସବୁ ବିଷୟଗୁଡ଼ିକୁ ଆମେ ପୂର୍ବରୁ ଘୃଣା କରୁଥିଲୁ, ବର୍ତ୍ତମାନ ଆମେମାନେ ତାହା ଭଲ ପାଉ । ଏହା ଏକ ପରିବର୍ତ୍ତନ, ଏକ ଅଦ୍ଭୁତ, ବିଚିତ୍ର ବିଷୟ ଅଟେ ।

235 ତେବେ, ମୁଁ "ପବିତ୍ର-ପାଖଣ୍ଡ" ର, ସେହି ବିବୃତ୍ତିକୁ ଦେଲି । ସେପରି କୌଣସି ବିଷୟ ନାହିଁ । ସେପରି କୌଣସି ବିଷୟ ନାହିଁ । ମାତ୍ର, ସେମାନେ ଲୋକମାନଙ୍କୁ ସେହିପରି ଡାକନ୍ତି, ପବିତ୍ର ଲୋକମାନେ । ମାତ୍ର ସେଠାରେ କୌଣସି ପବିତ୍ର-ପାଖଣ୍ଡ ନାହାଁନ୍ତି । ସେପରି କୌଣସି ବିଷୟ ନାହିଁ । ସେଠାରେ କୌଣସି ବି ମଣ୍ଡଳୀ ବିଷୟରେ ସେହିପରି କିଛି ଲେଖା ହୋଇଥିବାର କାଗଜପତ୍ର ନାହିଁ, ଯେତେଦୂର ମୁଁ ଦେଖିପାରେ, ନଅ ଶହ ଷାଠିଏ-କିଛି, ଭିନ୍ନ ଭିନ୍ନ ନାମଧାରୀ ସଂସ୍ଥାଗୁଡିକ ମଧ୍ୟରୁ । ସେଠାରେ ପବିତ୍ର-ପାଖଣ୍ଡ ବୋଲି କୌଣସି ନାମଧାରୀ ସଂସ୍ଥା ନାହିଁ । ଏହା ତ କେବଳ ଗୋଟିଏ—ଗୋଟିଏ ଏକ ନାମ ଅଟେ ଯାହା ଶୟତାନ ମଣ୍ଡଳୀ ଉପରେ ଆକ୍ଷେପ କରିଛି ।

236 ମାତ୍ର ସେମାନେ ସେଦିନ, ସେମାନଙ୍କୁ ଡାକିଥିଲେ...କେତେ ଲୋକ ଜାଣନ୍ତି ଯେ ପାଉଲଙ୍କ ସମୟରେ ସେମାନେ କଅଣ ଡାକିଥିଲେ? ବିଧର୍ମୀ । କଅଣ ଆପଣ ଜାଣିଛନ୍ତି ଯେ *ବିଧର୍ମୀ*ର ଅର୍ଥ କଅଣ? "ପାଗଳ ।" ଏହା ପାଗଳ ଲୋକ ଅଟେ । ତେଣୁକରି, ମୋତେ ଖୁବ୍ ଶୀଘ୍ର "ବିଧର୍ମୀ" ବୋଲି ଡକାଯିବ ଯେପରି ମୋତେ ଏକ "ପବିତ୍ର-ପାଖଣ୍ଡ" ବୋଲି ଡକାଯାଏ । କଅଣ ଆପଣଙ୍କୁ ନୁହେଁ କି? ତେଣୁକରି ଯଦି ସେମାନଙ୍କୁ—ଯଦି ସେମାନଙ୍କୁ ସେହିପରି ଡକାଯାଇଥିଲା, ଏବଂ ଆନନ୍ଦିତ ହୋଇଥିଲେ!

ଏବଂ ଯୀଶୁ ଆମକୁ ଏହା ବିଷୟରେ କଅଣ କରିବା ପାଇଁ କହିଥିଲେ? ସେ କହିଥିଲେ, "ଆନନ୍ଦ କର, ଏବଂ ଅତିଶୟ ଉଲ୍ଲସିତ ହୁଅ; କାରଣ ସ୍ୱର୍ଗରେ ତୁମ୍ଭର ପୁରସ୍କାର ବହୁତ ମହାନ୍, କାରଣ ତୁମ୍ଭମାନଙ୍କ ପୂର୍ବେ ଭବିଷ୍ୟଦ୍‌ବକ୍ତାମାନଙ୍କୁ ମଧ୍ୟ ସେହିପରି ଭାବରେ ତାଡ଼ନା କରା

ଯାଇଥିଲା ।” ସେମାନେ ତାହା କରିଥିଲେ ।

237 ଏହା ହେବା ପାଇଁ କହିଥିଲେ, “ଅତିଶୟ ଆନନ୍ଦିତ ହୁଅ ।” ଯେକୌଣସି ବିଷୟ *ଅତିଶୟ* ହେଉଛି “ଉପରକୁ ଉନ୍ନୀତ ହେବା,” ପ୍ରକୃତରେ ଖୁସି ହେବା । ଏବଂ ସେହି ଶିଷ୍ୟମାନେ, ଯେତେବେଳେ ସେମାନେ ଯୀଶୁଙ୍କ ନାମର ଅପମାନକୁ ବହନ କରିବାକୁ ଯୋଗ୍ୟ ହେଲେ, ସେମାନେ ଏଥି ନିମନ୍ତେ ବହୁତ ଆନନ୍ଦରେ ଉଲ୍ଲସିତ ହେଲେ ଯେ ସେମାନେ ତାହାଙ୍କ ନାମର ଅପମାନକୁ ବହନ କରିପାରିବେ ।

238 ଏବଂ ଆଜି, ଆଜି ଅନେକ ଲୋକମାନେ, ଯଦି ସେମାନଙ୍କୁ ଏକ ପବିତ୍ର-ପାଖଣ୍ଡ ବୋଲି ଡକାଯାଏ, ତେବେ ସେମାନେ ହତାଶ୍ ନିରାଶ ହୋଇ ଅସ୍ପଷ୍ଟ-ଶବ୍ଦରେ କୁହନ୍ତି, “ମୋର ପ୍ରଭୁ! ବୋଧହୁଏ ମୋର ଆରମ୍ଭ କରିବାରେ, ହିଁ ଭୁଲ୍ ଥିଲି ।”

ମାତ୍ର ସେମାନେ ଏହା ବିଷୟରେ ଖୁସି ଥିଲେ, “ଓଃ, ମୋର ପ୍ରଭୁ, ସେହି ନାମକୁ ବହନ କରିବା ନିମନ୍ତେ!”

239 ଏବଂ ତେବେ, ଦ୍ୱିତୀୟ ଶତାବ୍ଦୀରେ, ସେମାନେ ସେମାନଙ୍କୁ *କ୍ରସବ୍ୟାକ୍* ଅର୍ଥାତ୍ କୃଶବାହକ ବୋଲି ଡାକିଥିଲେ । ତାହା ସେହି ସମୟ ଥିଲା ଯେତେବେଳେକି ଖ୍ରୀଷ୍ଟିଆନମାନେ ସେମାନଙ୍କ ପିଠିରେ କ୍ରୁଶ ଘେନି ଯାଉଥିଲେ, ଯାହାକି ଏହା ଦର୍ଶାଉଥିଲା ଯେ ସେମାନେ ଖ୍ରୀଷ୍ଟଙ୍କ ସହିତ କ୍ରୁଶାର୍ପିତ ହୋଇଛନ୍ତି । ସେମାନେ ସେହି ଲୋକମାନଙ୍କୁ *କ୍ରସବ୍ୟାକ୍* ବୋଲି ଡାକିଥିଲେ । ବର୍ତ୍ତମାନ ମୁଁ ଜାଣେ ଯେ କ୍ୟାଥୋଲିକ୍ ନିଜକୁ ସେହିପରି ଡାକନ୍ତି, ମାତ୍ର ତାହା କ୍ୟାଥୋଲିକ୍ ମଣ୍ଡଳୀ ନ ଥିଲା । ଏହା ତ ସେହି ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ଥିଲା ଏହା ପୂର୍ବେକି ସେମାନେ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ କୁହା ଯାଇଥିଲେ । ଏହା ପାପ ବ୍ୟତୀତ ଅନ୍ୟ କିଛିକୁ ବିରୋଧ କରି ନ ଥିଲା । ସେହି କାରଣ ଯେ ଆଜି ଏହାକୁ ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀ ବୋଲି କୁହାଯାଏ ଯେହେତୁ ଏହା ସେହି—ସେହି କ୍ୟାଥୋଲିକ୍ ମତକୁ ବିରୋଧ କରିଥିଲା । ମାତ୍ର ଏହା ଏକ...ଏହା, ତଥାପି, ସେହି ସମୟ ସୁଦ୍ଧା ଏହା ଅଣ-ସାମ୍ପ୍ରଦାୟିକ ଥିଲା, ଯେତେବେଳେ ସେମାନଙ୍କୁ *କ୍ରସବ୍ୟାକ୍* ବୋଲି କୁହାଯାଉଥିଲା ।

240 ଜୋସେଫସ୍ ଏବଂ ଅନ୍ୟାନ୍ୟ ଲେଖକମାନଙ୍କର ଇତିହାସକୁ, ଏବଂ ହିସ୍‌ଲପ୍‌ଙ୍କ *ଟୁ ବବିଲୋନ୍‌ସ* ନାମକ ପୁସ୍ତକ ନିଅନ୍ତୁ, ଏବଂ ପ୍ରଭୃତି ସବୁ, ଏବଂ ଆପଣମାନେ ଜାଣିବାକୁ ପାଇବେ ଯେ ଏହା ଠିକ୍ ଅଟେ, ଯେ ସେମାନେ କୌଣସି ମଣ୍ଡଳୀ ନ ଥିଲେ । ପ୍ରଥମ ସଂଗଠିତ ମଣ୍ଡଳୀ, ଯାହା କଦାଚ ଥିଲା, ତାହା କ୍ୟାଥୋଲିକ୍ ମଣ୍ଡଳୀ ଥିଲା, ପ୍ରାୟଃ ତିନି ଶହ ବର୍ଷ, ଶେଷ ପ୍ରେରିତମାନଙ୍କ ସମୟର—ର ପାଖାପାଖି ଉତ୍ତାରେ । ପ୍ରାୟଃ ତିନି ଶହ ବର୍ଷ ପରେ, କ୍ୟାଥୋଲିକ୍ ମଣ୍ଡଳୀ ସଂସ୍ଥାଗତ ହୋଇଥିଲା । ଏବଂ ଏକ ନିର୍ଯ୍ୟାତନା ଆସିଥିଲା, ଏବଂ ଲୋକମାନଙ୍କୁ କ୍ୟାଥୋଲିକ୍ ମଣ୍ଡଳୀରେ ଯୋଗ ଦେବାକୁ ବାଧ୍ୟ କରିଥିଲା, ଏବଂ ସେମାନେ ମଣ୍ଡଳୀ ଏବଂ ରାଷ୍ଟ୍ରକୁ, ଏକୀକୃତ କରିଥିଲେ ।

241 ତାହା ସେହି ସମୟ ପରେ ହୋଇଥିଲା, ଯାହାକୁ ତଥା-କଥିତ ଭାବରେ କୁହାଯାଏ,

କନ୍‌ଷ୍ଟାଣ୍ଟାଇନ୍‌ର ପରିବର୍ତ୍ତନ, ପ୍ରତିମାପୂଜାରୁ କ୍ୟାଥୋଲିକ ଧର୍ମକୁ । ମାତ୍ର, ଯଦି କେହି ତାଙ୍କ ଇତିହାସ କେବେ ପଢିଛନ୍ତି, ସେ ପରିବର୍ତ୍ତିତ ହୋଇ ନ ଥିଲେ, ଯେଉଁସବୁ ବିଷୟମାନ ସେ କରିଥିଲେ । ଓଃ, ମୋର ପ୍ରଭୁ! ଏକମାତ୍ର ବିଷୟ ଯାହା ସେ ଧାର୍ମିକ କାର୍ଯ୍ୟ ଭାବରେ କରିଥିଲେ ତାହା ଥିଲା ସେ ସେଣ୍ଟ ସୋଫିଆ ଗୀର୍ଜା ଉପରେ କ୍ରୁଶ ସ୍ଥାପିତ କରିବା । ତାହାହିଁ ଏକମାତ୍ର କାର୍ଯ୍ୟ ଥିଲା ଯାହା ସେ କେବେ କରିଥିଲେ, କଦାଚ ଧାର୍ମିକ ଅଚରଣ କରିଥିଲେ । ସେ ଜଣେ—ଜଣେ ସ୍ୱଧର୍ମତ୍ୟାଗୀ ଥିଲେ । ମାତ୍ର ସେମାନେ ଏହାକୁ ତାଙ୍କର—ତାଙ୍କର ରୂପାନ୍ତରଣ ବୋଲି କହନ୍ତି । ଠିକ ଆଜିର କିଛି ତଥା-କଥିତ ରୂପାନ୍ତରଣ ସହିତ ପ୍ରାୟଃ ତୁଳନା କରା ଯାଇପାରେ ।

242 ତେବେ, ମାତ୍ର, ଆମେମାନେ ଏହା ପାଉ ଯେ, ଯେତେବେଳେ ପାଉଲ ରୂପାନ୍ତରିତ ହେଲେ ଏବଂ ତାଙ୍କର ଏହି ବାସ୍ତବ ଅନୁଭୂତିକୁ ପ୍ରାପ୍ତ ହେଲେ, ସେ ସମ୍ପୂର୍ଣ୍ଣ ରୂପେ ଘୁରି ଯାଇଥିଲେ ।

ଏବଂ, ଆପଣ ଜାଣନ୍ତି, *ରୂପାନ୍ତରଣ* ଅର୍ଥ ହେଉଛି "ଘୁରି ଯିବା ।" ଆପଣ *ଏହି* ବାଟରେ ଯାଉଅଛନ୍ତି, ଏବଂ ଆପଣ ଘୁରି ପଡିଲେ ଓ ଫେରି *ଏହି* ପଥରେ ଯିବାକୁ ଆରମ୍ଭ କଲେ । ହଁ, ଆଜ୍ଞା । ଏହା ଏକ ଘୁରି-ଯିବା ଅଟେ, ମୁଖ-ବୁଲାଇବା ଅଟେ ।

243 ଏବଂ ପାଉଲ, ସେ ପରିବର୍ତ୍ତନ ହେବା ମାତ୍ରକେ, ଏହା ପୂର୍ବେକି ସେ କଦାଚ ନିଜର ଅନୁଭୂତିକୁ କରିପାରନ୍ତେ…ତେବେ, ତାଙ୍କର ଏକ ଅଦ୍ଭୁତ ଅନୁଭୂତି ରହିଥିଲା ।

ବର୍ତ୍ତମାନ, ମୁଁ ବିଶ୍ୱାସ କରେ, ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି, ଠିକ୍ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ, ଏହା ଏକ ଅନୁଭୂତି ଅଟେ । ମୁଁ ବିଶ୍ୱାସ କରେ ଯେ, ଆପଣଙ୍କର ପାପକୁ କ୍ଷମା କରାଯିବାର ବିଷୟକୁ ଜାଣିବାର ସେହି ଆନନ୍ଦ, ଆପଣଙ୍କର ହୃଦୟକୁ ଠିକ ରୋମାଞ୍ଚିତ କରି ପକାଇଥାଏ ।

244 ମାତ୍ର ତାହାପରେ ଯେତେବେଳେ ସେହି ଆଶୀଷିତ ପବିତ୍ରଆତ୍ମା ତଳକୁ ଆସନ୍ତି, ତାହା ଏକ ଅନୁଭୂତି ଅଟେ, ସେହି ନୂତନ ଜନ୍ମ, ଯାହା ଆପଣ କେବେବି ଭୁଲିବେ ନାହିଁ । ଆପଣ ପରମେଶ୍ୱରଙ୍କ ଏକ ସନ୍ତାନ ହୋଇଯାଆନ୍ତି । ଏବଂ ଏଠାରେ ତାହା ଅଛି ଯାହା ଏହାକୁ କରିଥାଏ…

"ଭାଇ ବ୍ରାନହାମ୍, ଆପଣ ଏହାକୁ କିପରି ଜାଣନ୍ତି?"

245 ତେବେ, ଏଗୁଡିକ ହେଉଛି ଶିକ୍ଷାଦାନ ନିମନ୍ତେ ପାଠ୍ୟକ୍ରମ ବିଷୟ । ଅନେକ ଲୋକ, ମେଥୋଡିଷ୍ଟମାନେ, ଏହା କହିବାକୁ ଚେଷ୍ଟା କରନ୍ତି, "ସେମାନେ ଯେତେବେଳେ ପାଟି କଲେ ସେତେବେଳେ ଏହାକୁ ପ୍ରାପ୍ତ କଲେ ।" ତେବେ, ତାହା ଠିକ୍ ଅଟେ । ଯଦି ଆପଣ ଏହାକୁ ପାଇଲେ, ଏବଂ ଚିତ୍କାର କଲେ, ତେବେ ଠିକ ଅଛି । ମାତ୍ର ଯେହେତୁ ଆପଣ ଚିତ୍କାର କଲେ, ତାହା ଏହାର ଏକ ଚିହ୍ନ ନ ଥିଲା ଯେ ଆପଣ ଏହାକୁ ପ୍ରାପ୍ତ କଲେ, କାରଣ ଅନେକେ ଚିତ୍କାର କରିଛନ୍ତି ଏବଂ ଏହାକୁ ପାଇ ନାହାଁନ୍ତି ।

246 ପେଣ୍ଟିକଷ୍ଟାଲ୍‌ମାନେ କୁହନ୍ତି, "ସେମାନେ ପରଭାଷାରେ କଥା କହିଲେ। ସେମାନେ ଏହାକୁ ପାଇଲେ।" ତାହା ଠିକ୍ ଅଟେ। ଯଦି ଆପଣ ପରଭାଷାରେ କଥା କହିଛନ୍ତି, ଏବଂ ତାହା ପାଇଛନ୍ତି, ତାହାହେଲେ ଏହା ଠିକ୍ ଅଛି। ମାତ୍ର ଆପଣ ପରଭାଷାରେ କଥା କହି ତଥାପି ସୁଦ୍ଧା ତାହା ପାଇ ନ ପାରନ୍ତି। ତେବେ?

247 ତେଣୁକରି, ଆପଣ ଦେଖନ୍ତୁ, ସର୍ବଶେଷରେ, ଏହା ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିବାର ସେହି ଅନୁଭୂତି ଅଟେ; ଯେତେବେଳେ ସମସ୍ତ ପୁରୁଣା ବିଷୟଗୁଡିକ ମୃତ ହୋଇଯାଏ, ଏବଂ ସମସ୍ତ କିଛି ବିଷୟ ନୂତନ ହୋଇଯାଏ। ଖ୍ରୀଷ୍ଟ ବାସ୍ତବିକ ହୋଇଯାଆନ୍ତି। ପୁରାତନ ବିଷୟଗୁଡ଼ିକ କ୍ଷାନ୍ତ ହୋଇଯାଏ, ଶାରୀରିକତାର ସେହି ପୁରୁଣା ମୂଳଗୁଡିକ। କଅଣ ଆପଣ ଜାଣନ୍ତି ଯେ ଏକ ମୂଳକୁ କିପରି ଖୋଳିବେ? ଆମେମାନେ ଏକ କୋଦାଳକୁ ନେଇଥାଉ ଏବଂ ଠିକ ତାର ତଳକୁ ଯାଇ, ଏହାକୁ ସେପର୍ଯ୍ୟନ୍ତ ଖୋଳିଥାଉ ଯେପର୍ଯ୍ୟନ୍ତକି ସେଥିରେ ଟିକିଏ ହେଲେ ବି ସୁଦ୍ଧା ଅଂଶ ବାକି ନ ରୁହେ। ଏବଂ ସେମାନେ କହିଲେ, "ଯଦି ଆପଣଙ୍କ ଭିତରେ ତିକ୍ତତାର କୌଣସି ବି ମୂଳ ଉଙ୍କି ମାରେ,ତାହାହେଲେ ତାକୁ ଓପାଡି ପକାନ୍ତୁ।" ତାହା ଠିକ୍। ଏବଂ ତାହାହିଁ ଅଟେ ଯାହାକି ପବିତ୍ରଆତ୍ମା କରନ୍ତି, ସମସ୍ତ ମୂଳଗୁଡିକୁ ସମୂଳେ ଓପାଡି ପକାନ୍ତି। ସେଗୁଡ଼ିକୁ ଖୋଳି ପକାନ୍ତି। ସେଗୁଡିକୁ ଗଦା କରି; ସେମାନଙ୍କୁ ପୋଡି ଦିଅନ୍ତି। ସେଗୁଡ଼ିକରୁ ମୁକ୍ତି ପାଆନ୍ତୁ। ତାହାପରେ ଯଦି ଆମେମାନେ ତାହା କରିବା, ଆପଣ ଏକ ଭଲ ଫସଲ ପାଇବେ।

248 ତେବେ, ପାଉଲ ଜାଣିଥିଲେ ଯେ କିଛି ଗୋଟାଏ ବିଷୟ ଘଟିଅଛି, ତେଣୁ ସେ ଆରବକୁ ଚାଲିଗଲେ, ଏବଂ ସେଠାରେ ସେ ପୁରାତନ ନିୟମର ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କ ଉପରେ ତିନି ବର୍ଷକାଳ ଅଧ୍ୟୟନ କଲେ, ଯେ ସେମାନେ କିପରି ଭବିଷ୍ୟତ୍‌ବାଣୀ କରିଥିଲେ। ଏବଂ ସେ ଜାଣିବାକୁ ପାଇଲେ ଯେ ଏହା ସମ୍ପୂର୍ଣ୍ଣ ଭାବେ ସତ୍ୟ ଅଟେ।

249 ତେବେ, ଏହାକୁ ଆଜି ସହିତ ତୁଳନା କରନ୍ତୁ, ଦେଖନ୍ତୁ, ଏହି ଅନୁଭୂତି ଉପରେ ଯାହାକି ଆମର ଏହି ଛୋଟ ମଣ୍ଡଳୀରେ ରହିଥିଲା: ସେହି ପ୍ରଭାତୀ ତାରା ବିଷୟରେ ଯାହା ସେଠାରେ ଉପରେ ଦେଖା ଦେଇଥିଲା, ସେହି ମହାନ ଆଲୋକ ବିଷୟରେ ଯାହାକି ତଳକୁ ଆସିଥିଲା, ଯାହା ସେହି ସବୁ ବିଷୟକୁ ଭବିଷ୍ୟତ୍‌ବାଣୀ କରିଥିଲା ଏବଂ ଦେଖାଇଥିଲା ଯାହା ଘଟିବାକୁ ଅଛି। ଆପଣ ଜାଣନ୍ତି, ତାହା ଆଶ୍ଚର୍ଯ୍ୟଜନକ ଅଟେ। ମାତ୍ର ମୋର ସେବକ ଭାଇମାନେ ମୋତେ କହିଲେ ଯେ ଏହା ଶୟତାନଠାରୁ ଅଟେ। ଏବଂ ମୁଁ—ମୁଁ ଏହାକୁ ବୁଝିପାରି ନ ଥିଲି।

250 ତେଣୁ, ମୁଁ ଏହା ବିଷୟରେ କିଛି ହେଲେ କହିଲି ନାହିଁ ଯେପର୍ଯ୍ୟନ୍ତକି ଗୋଟିଏ ରାତି, ସେଠାରେ ଉପରେ ଇଣ୍ଡିୟାନାର, ଗ୍ରୀନ୍ ମିଲ୍‌ଠାରେ ଏକ ଅନୁଭୂତି ନ ଘଟିଗଲା, ଯେତେବେଳେ ପ୍ରଭୁଙ୍କର ଦୂତ ସେହି ଚଟାଣ ଉପରେ ଚାଲି କରି ଆସିଲେ ଓ ସେଠାରେ ଛିଡା ହେଲେ, ଏବଂ ଏହାକୁ ଶାସ୍ତ୍ର ଦ୍ୱାରା ପ୍ରମାଣ କଲେ। ତାହାପରେ ଏହା ନିଆଁକୁ ଲଗାଇ ଦେଇଥିଲା। ତାହାପରେ ଏହା ବଢିବାକୁ ଲାଗିଲା।

251 ଏବଂ ଗତ ରବିବାରରୁ ଅଧିକ ସମୟ ହୋଇ ନାହିଁ, ଆମେମାନେ ଯୀଶୁ ଖ୍ରୀଷ୍ଟଙ୍କର ଅକ୍ଷୟ ଚିହ୍ନଗୁଡିକୁ ଦେଖିଅଛୁ, ଯିଏକି ଏପରି ଜଣେ ବ୍ୟକ୍ତିଙ୍କୁ ନେଇପାରନ୍ତି ଯିଏକି କେବେ ଚାଲି ନାହାଁନ୍ତି, ଏବଂ ତାଙ୍କର ନାହିଁ...ତାଙ୍କର ସନ୍ତୁଳନ ସ୍ନାୟୁଟି ଦୁର୍ବଳ ହୋଇଯାଇଅଛି, ଯେତେବେଳେକି ମାୟୋସ୍ ଏବଂ ସର୍ବୋତ୍ତମ ଡାକ୍ତରମାନେ କହିଥିଲେ, "ଏହା ସବୁଦିନ ପାଇଁ, ଅକାମି ହୋଇଯାଇଛି।" ଏବଂ ଅନ୍ଧ ହୋଇ ବସି ରହିଥିଲେ; ଉଠିଲେ ଏବ ଏହି ଭବନରୁ ଚାଲି ବାହାରି ଗଲେ, ନିଜର ଚକଲଗା ଚୌକିକୁ ପାହାଚ ତଳକୁ ଠେଲି ଦେଇଥିଲେ, ଅନ୍ୟ କାହାରି ପରି ଚାଲି ପାରିଥିଲେ ଏବଂ ଦେଖି ପାରିଥିଲେ। ତାହା ଏହା ଦର୍ଶାଏ ଯେ ଏହା ପୁନରୁତ୍ଥିତ ପ୍ରଭୁ ଯୀଶୁଙ୍କର ଶକ୍ତି ଅଟେ। ତାହା ସେଠାରେ ଅଛି। ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି।

252 ତେଣୁ କଅଣ ଆମେମାନେ ଆଜି ରାତି ଏକ ଆନନ୍ଦିତ ଗୋଷ୍ଠୀ ନୋହୁଁ କି, ଏହ ଜାଣିବା ହେତୁ ଯେ ପରମେଶ୍ୱର ଆମର ଏହି ମହାନ ଅନୁଭୂତିକୁ ସୁପ୍ରମାଣିତ କରିଅଛନ୍ତି, ଯେ ଏହା ତାହାଙ୍କର ବାଇବଲ ଏବଂ ସେହି ପ୍ରତିଜ୍ଞାଗୁଡିକ ସହ ତୁଳନା କରାଯାଏ? ତେଣୁକରି ଆମେମାନେ ଅତ୍ୟଧିକ ଆନନ୍ଦିତ ହେବା ଉଚିତ୍। ଏବଂ ତାହାପରେ ଆମେମାନେ ହୃଦୟଙ୍ଗମ କରୁ, ଯେ ସେହି 2ୟ ପର୍ବରେ, ଆମେ ଜାଣିବାକୁ ପାଉ, "ଆମେମାନେ ଏହି ବିଷୟଗୁଡିକୁ ଛାଡ଼ିବା ଉଚିତ୍ ନୁହେଁ...ଆମେମାନେ ଏହି ବିଷୟଗୁଗୁଡ଼ିକୁ ଅବହେଳା କରିବା ଉଚିତ୍ ନୁହେଁ।" ଆମେ ସେହି ବିଷୟଗୁଡ଼ିକ ପ୍ରତି ଅଧିକ ମନୋଯୋଗୀ କରିବା ଉଚିତ୍।

> ତେବେ ଏପରି *ମହାରିତ୍ରାଣକୁ ଅବହେଳା କଲେ,* ଆମ୍ଭେମାନେ *କିପରି ରକ୍ଷା* ପାଇବା;...

253 ଆମେମାନେ ସେତେବେଳେ କଅଣ କରିବାକୁ ଯାଉଅଛୁ, ଯେତେବେଳେ ଆମେମାନେ ପରମେଶ୍ୱରଙ୍କ ବାକ୍ୟର ଆଲୋକରେ, ବିଚାର ଦଣ୍ଡଠାରେ ଛିଡା ହେବାକୁ ଯାଉ? ଆପଣ କହିପାରନ୍ତି ନାହିଁ, "ମୁଁ ତ କଦାପି କିଛି ଅଲଗା ଜାଣି ନ ଥିଲି।" ଓଃ, ହଁ, ଆପଣ ଜାଣିଥିଲେ। "ତେବେ, ବର୍ତ୍ତମାନ, ଭାଇ ବ୍ରାନହାମ୍ ଭୁଲ୍ ହୋଇ ଥାଇପାରନ୍ତି।" ତାହା ସତ ଅଟେ। ମାତ୍ର ପରମେଶ୍ୱର ଭୁଲ୍ ନୁହଁନ୍ତି। ତାହାଙ୍କର ବାକ୍ୟ ଭୁଲ୍ ନୁହେଁ। ଏବଂ କେବଳ ଚିନ୍ତା କରନ୍ତୁ, ସେହି ସମାନ ବିଷୟ, ସେହି ବାଇବଲ, ଯାହାକି ଏକଦା ପ୍ରେରିତମାନଙ୍କ ମଧ୍ୟରେ ବାସ କରୁଥିଲା, ପୁନର୍ବାର ବାସ କରୁଅଛି। ଓଃ, ପ୍ରଭୁଙ୍କ ନାମର ଧନ୍ୟ ହେଉ!

254 ଯେତେବେଳେ ମୁଁ ଚିନ୍ତା କରେ ଯେ ମୋର ଅଢ-ଚାଳିଶ ବର୍ଷ ବୟସ ହେଲାଣି, ପଚାଶ ପାଖେଇ ଆସୁଅଛି, ଏବଂ ମୋର ଯୌବନର ଦିନଗୁଡିକ ବିତି ଗଲାଣି, ଏବଂ ଇତ୍ୟାଦି ସବୁ; ଏହା ଜାଣିବା ଯେ ଏକ ଛୋଟ ପିଲାଟି ବେଳଠୁଁ ହିଁ ମୋ ପାଖରେ ଏହି ଆଶୀଷିତ ପ୍ରତିଜ୍ଞା ରହିଥିଲା, ଏବଂ ମୁଁ ଏହାକୁ ମୋର ଭାଇ ଓ ଭଉଣୀମାନଙ୍କ ନିକଟରେ ଘୋଷଣା କରିଅଛି; ଏବଂ ଆକ୍ଷରିକ ଭାବରେ ସେମାନଙ୍କ ମଧ୍ୟରୁ ହଜାର ହଜାର ଲୋକମାନଙ୍କୁ ଅନ୍ଧକାରରୁ ବାହାରି ଆସୁଥିବାର ଦେଖିବା, ଏବଂ ଏହା ଜାଣିବା ଯେ ଆମେମାନେ ଆମର

ଅନନ୍ତ ଘରକୁ, ସେହି ଆଶୀଷିତ ସ୍ଥାନକୁ ଯାଉଅଛୁ। "ଏବଂ ଯଦି ଏହି ପାର୍ଥିବ ତମ୍ବୁରୂପ ଘର ଭାଙ୍ଗିଯାଏ," ଏହା ପୂର୍ବେକି ମୁଁ ପ୍ରଚାର କରିବା ସମାପ୍ତ କରିସାରେ, "ସେଠାରେ ଆମ ପାଇଁ ଆଉ ଗୋଟିଏ ଅପେକ୍ଷା କରୁଅଛି।" ହାଲ୍ଲେଲୁୟା! ଏହା ଜାଣିବା ଯେ ଏଠାରେ ଏପରି ଡଜନ ଡଜନ ଲୋକମାନେ ବସିଛନ୍ତି, ଯେଉଁମାନେକି, ଯଦି ସେମାନେ ବର୍ତ୍ତମାନ ହିଁ ଏହି ଜୀବନକୁ ତ୍ୟାଗ କରନ୍ତି, ଏହା ପୂର୍ବେକି ଆମେ ସେମାନଙ୍କର ଶରୀରକୁ ସେହି ସମାଧି କର୍ମକର୍ତ୍ତାଙ୍କ ନିକଟରେ ଦେଇ ଦେଉ, ସେମାନେ ସେଠାରେ ଊର୍ଦ୍ଧ୍ୱରେ ସେହି ମହିମାମୟ ଶରୀରରେ ରହି, ପରମେଶ୍ୱରଙ୍କ ସାଧୁମାନଙ୍କ ସହିତ ଆନନ୍ଦ କରି, ଆଗରୁ ହିଁ ପରମେଶ୍ୱରଙ୍କ ଉପସ୍ଥିତିରେ, ଚିରଦିନ ବଞ୍ଚିବା ପାଇଁ ରହିଥିବେ। ସେହି ସିଦ୍ଧ, ସଂପୂର୍ଣ୍ଣ ସୁପ୍ରମାଣ ସହିତ ଯେ ଏହା ସେହିପରି ହିଁ ଅଟେ! ଆମେନ୍।

255 ଓଃ, ତାହା ତ ଯେକୌଣସି ପ୍ରେସ୍‌ବିଟେରିଆନ୍‌କୁ ଚିତ୍କାର କରିବାକୁ ବାଧ୍ୟ କରିବ! ରବିବାର କଲା, କ୍ୟାଅଣ ତାହା ନୁହେଁ କି? ସେହି ଲୋକମାନେ ପ୍ରେସ୍‌ବିଟେରିଆନ୍ ଥିଲେ। ନିଶ୍ଚିତ ଭାବରେ କରିବ, ଚିନ୍ତା ହେତୁ। ଓଃ, ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଲୋକମାନେ ଭାବପ୍ରବଣ ହୋଇଯାଆନ୍ତି! କାହିଁକି, ଯଦି ଆପଣ ଏକ ବଲ୍ ମାରିବା ନିମାନତେ କିମ୍ବା ଗୋଟିଏକୁ ବାସ୍କେଟ୍ ରେ ଫୋପାଡିବା ନିମନ୍ତେ ଭାବପ୍ରବଣ ହୋଇଥାଆନ୍ତି, ତାହାହେଲେ ଆପଣଙ୍କୁ ଏହା ଜାଣିବା ହେତୁ ତାହା କେତେ ଅଧିକ ଭାବପ୍ରବଣ ନ କରିବ ଯେ ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି, ଯେ ଆପଣ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ସୃଷ୍ଟି ହୋଇଅଛନ୍ତି! ଆପଣ ଏହାକୁ ସେହି ଉପାୟରେ ଜାଣିବେ ଯେଉଁ ଉପାୟରେ ଆପଣଙ୍କର ଆତ୍ମା ଆପଣଙ୍କୁ ଦୁଷ୍କର୍ମ, ଏବଂ ଚତୁରତା, ଓ ଶତ୍ରୁତା, ପୁଣି ଜଗତର ସମସ୍ତ ବିଷୟ ବସ୍ତୁଠାରୁ ଦୂରକୁ କଢେଇ ନେଇଥାଏ। ଏବଂ ଆପଣଙ୍କର ହୃଦୟ ଖ୍ରୀଷ୍ଟଙ୍କ ଉପରେ କେନ୍ଦ୍ରିତ ହୋଇଥାଏ। ତାହାହିଁ ଆପଣଙ୍କର ଉଦ୍ଦେଶ୍ୟ ଅଟେ। ତାହାହିଁ ସବୁକିଛି ଅଟେ ଯାହାକି ଆପଣ ନିଜ ମନରେ, ନିଜ ହୃଦୟରେ, ଦିନ ରାତି ଭାବୁଥାଆନ୍ତି। ଯେତେବେଳେ ଆପଣ ରାତିରେ ଶୋଇବା ପାଇଁ ବିଛଣାକୁ ଯାଆନ୍ତି, ଏବଂ ନିଜର ହାତକୁ, *ଏହିପରି* ଭାବରେ ପଛରେ ରଖନ୍ତି, ଏବଂ କେବଳ ସେଠାରେ ଶୋଇ ରହି ତାହାଙ୍କୁ ପ୍ରଶଂସା କରନ୍ତି ଯେପର୍ଯ୍ୟନ୍ତକି ଆପଣ ଶୋଇ ନ ପଡନ୍ତି। ସକାଳୁ ଉଠନ୍ତି, ତଥାପି, ତାହାଙ୍କୁ ପ୍ରଶଂସା କରୁଥାଆନ୍ତି। ଆମେନ୍। ଓଃ, ମୋର ପ୍ରଭୁ!

256 ମୁଁ ତାହାଙ୍କୁ ପ୍ରଶଂସା କରିବାକୁ ଚେଷ୍ଟା କରିଅଛି। ଗୋଟିଏ ସକାଳେ ତ, ଆମେମାନେ ପ୍ରାୟଃ ଚାରିଟାରେ ଉଠିଲୁ, ଭାଇ ଉଡ୍ ଏବଂ ମୁଁ, ଗୁଣ୍ଡୁଚି ମୂଷା ଶିକାର କରିବା ନିମନ୍ତେ, ଅତି ସକାଳେ ବାହାରି ଯାଇଥିଲୁ। ମୁଁ ଭାବେ ଯେ, ମୁଁ ପାଇଥିବା ପ୍ରତ୍ୟେକ ଗଛ ତଳେ, ତାହାଙ୍କୁ ପ୍ରଶଂସା କରିଥିଲି। ମୁଁ ତାହାଙ୍କୁ ପ୍ରଶଂସା ନ କରି, ଗୋଟିଏ ବି ଗଛକୁ ଦେଖିପାରେ ନାହିଁ। ଚିନ୍ତା କରି ଦେଖନ୍ତୁ, ସେ ସେହି ଗଛକୁ ବୃଦ୍ଧି କରାଇଥିଲେ। ଏକ ଛୋଟିଆ ପୁରୁଣା ଫଡିଙ୍ଗକୁ ଉଡୁଥିବାର ଦେଖନ୍ତୁ; ସେ ସେହି ଫଡିଙ୍ଗକୁ ବି ଜାଣନ୍ତି। "ଓଃ," ଆପଣ କୁହନ୍ତି, "ନିର୍ବୋଧ, ଭାଇ ବିଲ୍।" ଓଃ, ନା, ଏହା ନୁହେଁ। ସେ ଜାଣନ୍ତି ଯେ ପ୍ରତ୍ୟେକ ଗୁଣ୍ଡୁଚି ମୂଷା କେଉଁଠାରେ ଅଛି। ସେ

ଜାଣନ୍ତି ଯେ ପ୍ରତ୍ୟେକ ପ୍ରଜାପତି କେଉଁଠାରେ ଅଛି ।

257 କାହିଁକି, ଏକ ସମୟରେ, ତାଙ୍କୁ କିଛି ଟଙ୍କାର ଦରକାର ଥିଲା, ଏବଂ ସେ କହିଲେ, "ପିତର, ସେଠାରେ ଏକ ମାଛ ଅଛି, କିଛି ସମୟ ପୂର୍ବରୁ, ତାହା ଗୋଟିଏ ମୁଦ୍ରାକୁ ଗିଳି ପକାଇଅଛି, ଠିକ ଯଥେଷ୍ଟ ଅଟେ, ଯେତିକି ଆମର ଆବଶ୍ୟକ । ଯାଅ ଏବଂ କଣ୍ଟା ପକାଅ । ମୁଁ ତାକୁ ସେଠାକୁ ପଠାଇବି । ତାର ପାଟିରୁ ସେହି ମୁଦ୍ରାକୁ ବାହାର କରିବ, କାରଣ ସେ ଏହାକୁ ନିଜେ, ବ୍ୟବହାର କରିପାରେ ନାହିଁ । ଯାଅ ତାକୁ ନେଇ ଆମର ଦଶମାଂଶ ଏବଂ ନୈବେଦ୍ୟ ଦେଇ ଦେବ ।" ଆମେନ୍ ।

258 ଆଉ କିଛି ସପ୍ତାହ ପୂର୍ବରୁ, ମୁଁ ଗୋଟିଏ ଅତି ଛୋଟ ମାଛକୁ ପାଣି ଉପରେ, ମରି ପଡ଼ିଥିବାର ଦେଖିଲି । ଆପଣମାନେ ସମସ୍ତେ ଏହାର କାହାଣୀ ଶୁଣିଛନ୍ତି । ସେଠାରେ ଭାଇ ଉଡ଼, ଏବଂ ତାଙ୍କ ଭାଇ ଏବଂ ସେମାନେ ତାହାର ସାକ୍ଷୀ ଦେବା ପାଇଁ ଏଠାରେ ଅଛନ୍ତି । ସେହି ଛୋଟ ମାଛଟି ଅଧ ଘଣ୍ଟା ଧରି ପାଣିରେ, ମୃତ ଭାବରେ ପଡ଼ି ରହିଥିଲା, ପୁଣି ତାର ଅନ୍ତଃନଳି ତାର ପାଟିରୁ ବାହାରି ଯାଇଥିଲା । ଆଉ ସେହି ମହାନ ପବିତ୍ରଆତ୍ମା, ଠିକ ଗୋଟିଏ ଦିନ ପୂର୍ବରୁ, ଏହା କହିସାରିବା ପରେ ଓହ୍ଲାଇ ଆସିଥିଲେ ଯେ, "ତୁମେ ଏକ ଛୋଟ ପ୍ରାଣୀର ପୁନରୁତ୍ଥାନ୍‌କୁ ଦେଖିବାକୁ ଯାଉଅଛ ।" ଏବଂ ପରଦିନ ସକାଳେ ପ୍ରାୟଃ, ସୂର୍ଯ୍ୟୋଦୟର ଠିକ ଅଳ୍ପ ପରେ, ଆମେମାନେ ସେହି ଛୋଟ ମାଛକୁ ଦେଖିଲୁ, ସେତିକି ଲମ୍ବା ବି ହେବ ନାହିଁ । ଯେତେବେଳେ ପ୍ରଭୁଙ୍କ ଆତ୍ମା ତଳକୁ ଓହ୍ଲାଇ ଆସି, କହିଲେ, "ହେ ଛୋଟ ମାଛ, ଯୀଶୁ ଖ୍ରୀଷ୍ଟ ତୋତେ ସୁସ୍ଥ କରନ୍ତି ।" ଏବଂ ସେହି ମୃତ ମାଛଟି, ଯିଏକି ଆକ୍ଷରିକ ଭାବେ ପ୍ରାୟଃ ଅଧ ଘଣ୍ଟା ଧରି ପାଣି ଉପରେ ଭାସି ରହିଥିଲା, ଜୀବନକୁ ଫେରି ଆସିଲା ଏବଂ ଯଥାସମ୍ଭବ ଉତ୍ତମ ଭାବେ ସେଠାରୁ ପହଁରି ଚାଲିଗଲା । ଓଃ, ପ୍ରଭୁଙ୍କର ନାମ ଧନ୍ୟ ହେଉ । ସେ କେତେ ଅଦ୍ଭୁତ ଅଟନ୍ତି!

259 ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ପାଉଲ କହିପାରିଥିଲେ, ଯେ, "ସେ ମଲ୍‌କୀଷେଦକଙ୍କ ସଦୃଶ ଥିଲେ ।" ସେ ମଲ୍‌କୀଷେଦକ ଥିଲେ । "ମଲ୍‌କୀଷେଦକଙ୍କର କୌଣସି ଦିନର ଆରମ୍ଭ ନ ଥିଲା । ତାଙ୍କର କୌଣସି ବର୍ଷର ସମାପ୍ତି ନ ଥିଲା । ତାଙ୍କର ଆୟୁର ଆରମ୍ଭ କିମ୍ବା ଜୀବନରେ ଶେଷ କିଛି ହିଁ ନ ଥିଲା । ତାଙ୍କର ପିତା କି ମାତା କେହି ନ ଥିଲେ ।" ତେଣୁକରି, ସେ ଅନ୍ୟ କୌଣସି କେହି ହୋଇପାରିବେ ନାହିଁ । ସେ ଯେକେହି ବି ଥିଲେ, ସେ ଆଜି ରାତି ମଧ୍ୟ ଜୀବିତ ଅଛନ୍ତି । ତେଣୁକରି, କେବଳ ଗୋଟିଏ ପ୍ରକାରର ହିଁ ଅନନ୍ତ ଜୀବନ ଅଛି, ଏବଂ ତାହା ପରମେଶ୍ୱରଙ୍କର ଅଟେ ।

260 ଗତ ସନ୍ଧ୍ୟାରେ ଯେତେବେଳେ ଆମେମାନେ ଏକ ଆଲୋଚନା କରୁଥିଲୁ, ଜଣେ ଭାଇ ପରମେଶ୍ୱରଙ୍କ ତ୍ରିତ୍ୱତାକୁ ବୁଝିପାରି ନ ଥିଲେ, ଏବଂ ଆମେମାନେ ଏହା ବିଷୟରେ କିପରି କଥାବାର୍ତ୍ତା କରୁଥିଲୁ । କିପରି ଯେ ଯୀଶୁ ସେଠାରେ, ପ୍ରାୟଃ ତିରିଶ ବର୍ଷ ବୟସ୍କ ଜଣେ ବ୍ୟକ୍ତି ଭାବରେ, ଛିଡା ହୋଇଥିଲେ । ଏବଂ ସେ କହିଥିଲେ…

ସେମାନେ କହିଲେ, "ଓଃ, ଆମର ପିତୃପୁରୁଷମାନେ ପ୍ରାନ୍ତରରେ ମାନ୍ନା ଭୋଜନ କରିଥିଲେ ।"

261 ସେ କହିଲେ, "ଏବଂ ସେମାନେ, ସମସ୍ତେ, ମୃତ ଅଟନ୍ତି ।" ,ମାତ୍ର ସେ କହିଲେ, "ମୁଁ ସ୍ୱର୍ଗରୁ ପରମେଶ୍ୱରଙ୍କଠାରୁ ଆଗତ ସେହି ଜୀବନର ରୋଟୀ, ଯାହାକି ଜଣେ ବ୍ୟକ୍ତି ଭୋଜନ କରେ ଏବଂ ମରେ ନାହିଁ ।"

262 "ଓଃ," ସେମାନେ କହିଲେ, "ଆମର ପିତୃପୁରୁଷମାନେ ପ୍ରାନ୍ତରରେ ସେହି ଶୈଳରୁ ଜଳ ପାନ କରିଥିଲେ ।"

263 ସେ କହିଲେ, "ମୁଁ ସେହି ଶୈଳ ଅଟେ ।" ତିରିଶ ବର୍ଷର ଜଣେ ବ୍ୟକ୍ତି । କହିଲେ, "ଅବ୍ରହାମ ମୋର ଦିନକୁ ଦେଖି ଆନନ୍ଦିତ ହେଲେ ।"

264 "କାହିଁକି," କହିଲେ, "ତେବେ ତୁମର ମୋତେ କହିବାର ଅଭିପ୍ରାୟ ଏହା ଯେ ତୁମେ ବୟସରେ ଅବ୍ରହାମଙ୍କ ସମତୁଲ୍ୟ ଅଟ, ଏବଂ ତୁମକୁ ତ ଏପରିକି ପଚାଶ ବର୍ଷ ବୟସ ସୁଦ୍ଧା ହୋଇନାହିଁ, ଏବଂ ଏହା କହିବାକୁ ଚାହୁଁଛ ଯେ ତୁମେ ଅବ୍ରହାମଙ୍କୁ ଦେଖିଅଛ ଯିଏକି ଆଠ ଶହ ବର୍ଷ ହେଲାଣି ମରିଛନ୍ତି? ଆମେ ଜାଣୁ ଯେ ବର୍ତ୍ତମାନ ତୁମଠାରେ ଏକ ଶୟତାନ ଅଛି । ତୁମେ ପାଗଳ ଅଟ ।" ତାହାହିଁ ଅଟେ ଯାହାକି...ତାହାହିଁ ଏକ *ଶୟତାନ* ର ଅର୍ଥ ଅଟେ, "ପାଗଳ ବ୍ୟକ୍ତି ।" କହିଲେ, "ତୁମଠାରେ ଏକ ଶୟତାନ ଅଛି, ଏବଂ ତୁମେ ପାଗଳ ଅଟ"

265 ସେ କହିଲେ, "ଏହା ପୂର୍ବେକି ଅବ୍ରହାମ ଥିଲେ, **ମୁଁ ଅଟେ** ।"

266 ତାହାହିଁ ଅଟେ ଯାହାକି ସେ ଥିଲେ । ସେ କେବଳ ଜଣେ ମଣିଷ ନ ଥିଲେ, କିଅବା ସେ ଜଣେ କେବଳ ଭବିଷ୍ୟଦ୍‌ବକ୍ତା ମଧ୍ୟ ନ ଥିଲେ । ସେ ତ ପରମେଶ୍ୱର ଥିଲେ, ପରମେଶ୍ୱର ପୃଥିବୀ ପୃଷ୍ଠରେ ଏକ ମାଂସମୟ ଶରୀରରେ ବାସ କରୁଥିଲେ ଯାହାର ନାମ "ଯୀଶୁ" ଥିଲା, ପରମେଶ୍ୱରଙ୍କ ସେହି—ସେହି ଅବତରିତ ପୁତ୍ର । ତାହାହିଁ ଅଟେ ଯାହାକି ଅବିକଳ ସେ ଥିଲେ ।

267 ତେବେ, ଆମେ ତାହାଙ୍କୁ ଏଠାରେ ପାଉ, ଯେ ବର୍ତ୍ତମାନ ଏହି ଶେଷ ଭାଗରେ, ସେହି 2ୟ ପର୍ବର ଶେଷ କରିବାରେ, ଯାହାକୁ ମୁଁ ନେବାକୁ ଚାହୁଁଥିଲି, 14ତମ ପଦରୁ, କିମ୍ୱା 15ତମ ପଦରୁ ଆରମ୍ଭ କରି ।

> *ପୁଣି ମୃତ୍ୟୁର—ମୃତ୍ୟୁର ଭୟରେ...ଯେଉଁମାନେ ଯାବଜ୍ଜୀବନ ଦାସତ୍ୱର ବନ୍ଧନରେ ଥିଲେ ସେମାନଙ୍କୁ ସେ ଉଦ୍ଧାର କରନ୍ତି ।*

ତାହାହିଁ ଅଟେ ଯାହାକି ଯୀଶୁ କରିଛନ୍ତି ବୋଲି ସେ କହିଥିଲେ, ଯେ ସେ ସେମାନଙ୍କୁ ଦାସତ୍ୱର ବନ୍ଧନରୁ ଉଦ୍ଧାର କରିବାକୁ ଆସିଛନ୍ତି, ଯେଉଁମାନେକି ସେମାନଙ୍କର ଜୀବନସାରା ମୃତ୍ୟୁର ଭୟରେ ରହିଥିଲେ ।

268 ତେବେ ମୃତ୍ୟୁକୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ, ଅବଶ୍ୟ, ଆମେମାନେ କରୁ; ଆମେ, ଆମମାନଙ୍କ ମଧ୍ୟରୁ କେହି ହେଲେ ତାହା ଚାହିଁ ନ ଥାଉ, ଯାହାକୁ

ଆମେମାନେ କହିଥାଉ, *ମରିବା*। କିନ୍ତୁ କଅଣ ଆପଣମାନେ ଜାଣିଛନ୍ତି କି ଯଦି ଜଣେ ବ୍ୟକ୍ତି ନୂତନ ଜନ୍ମ ପାଇଥାଏ ସେ ମରିପାରେ ନାହିଁ? କିପରି ସେ ଅନନ୍ତ ଜୀବନ ପାଇଥାଏ ଏବଂ ତାହାପରେ ମରିପାରେ? ସେ ଏହା କରିପାରେ ନାହିଁ। ଏକମାତ୍ର ବିଷୟ ଯାହାକି ମୃତ୍ୟୁ ଅଟେ, ସେହି *ମୃତ୍ୟୁ* ଶବ୍ଦର, ଅର୍ଥ "ପୃଥକୀକରଣ।" ତେବେ ସେ ଆମ ଆଖିର ଉପସ୍ଥିତିରୁ ପୃଥକ ହୋଇଯିବେ। ମାତ୍ର ସେ ସର୍ବଦା ପରମେଶ୍ୱରଙ୍କ ଉପସ୍ଥିତିରେ ଥାଆନ୍ତି, ଏବଂ ସର୍ବଦା ରହିବେ। ତେଣୁକରି, ମୃତ୍ୟୁ ଏକ କଠିନ ବିଷୟ ନୁହେଁ। ମୃତ୍ୟୁ ତ ଏକ ଗୌରବମୟ ବିଷୟ ଅଟେ। ମୃତ୍ୟୁ ତାହା ଅଟେ ଯାହାକି ଆମକୁ ପରମେଶ୍ୱରଙ୍କ ଉପସ୍ଥିତିକୁ ନେଇ ଯାଇଥାଏ।

269 କିନ୍ତୁ ବର୍ତ୍ତମାନ, ଅବଶ୍ୟ, ଆମେମାନେ, ମଣିଷ ହୋଇଥିବା ହେତୁ, ଏଠାରେ ଏହି ଅନ୍ଧକାର ଉପାଦାନଗୁଡ଼ିକରେ ଗମନାଗମନ କରୁ, ଆମେମାନେ—ଆମେମାନେ ଏହାକୁ ସେହିପରି ଭାବରେ ବୁଝି ନ ଥାଉ ଯେପରିକି ଆମେ ତାହା କରିବା ଉଚିତ୍। ଏବଂ, ଅବଶ୍ୟ, ଯେତେବେଳେ ମୃତ୍ୟୁର ଶ୍ୱାସରୁଦ୍ଧଜନକ ବେଦନା ଆସିଥାଏ, ସେତେବେଳେ ଏହା ଆମମାନଙ୍କ ମଧ୍ୟରୁ ଠିକ ସେହି ସର୍ବାଧିକ-ସାଧୁତାକୁ ମଧ୍ୟ ଭୟଭୀତ କରାଇ ଦେଇଥାଏ ଏବଂ ପଛକୁ ଟାଣି ଦେଇଥାଏ। ଏହା ପରମେଶ୍ୱରଙ୍କ ପୁତ୍ରଙ୍କୁ ଏହା କୁହାଇବାକୁ ବାଧ୍ୟ କଲା, "କଅଣ ଏହି ପାନପାତ୍ର ଦୂର ହୋଇପାରିବ କି?" ଏହା ଏକ ଭୟଙ୍କର ବିଷୟ ଅଟେ। ଏହାକୁ ଭୁଲ୍ ବୁଝନ୍ତୁ ନାହିଁ। ଯେହେତୁ ଆମେ...ଏହା ତ ପାପର ଏକ ଦଣ୍ଡ ଅଟେ, ମୃତ୍ୟୁ ଅଟେ, ଏବଂ ଏହାକୁ ଭୟଙ୍କର ହେବାକୁ ଅଛି।

ମାତ୍ର ଯଦି ଆମେମାନେ କେବଳ ପର୍ଦା ଆରପାରିକୁ ଦେଖିପାରୁ, ସେଠାରେ, ସେହିଠାରେ ହିଁ ଅଟେ ଯେଉଁଠାରେକି ତାହା ଅଛି। ପ୍ରଭୁ ଧନ୍ୟ ହେଉନ୍ତୁ! ଠିକ ପର୍ଦାର ଆରପାରିରେ, ସେହିଠାରେ ହିଁ ଅଟେ ଯେଉଁଠାରେକି ମଣିଷ ଆଜି ରାତିରେ ଦେଖିବାକୁ ଇଚ୍ଛା କରେ। ଯେପରିକି ଛୋଟ ଆନ୍ନା ମେ ସ୍ନେଲିଙ୍ଗ୍ ଏବଂ ସେମାନେ ଏଠାରେ ଏକ ଗୀତକୁ ଗାଇଥିଲେ, "ପ୍ରଭୁ, ମୋତେ ସମୟର ସେହି ପର୍ଦାର ଆରପାରିକୁ ଦେଖିବାକୁ ଦିଅ।" ସମସ୍ତେ ତାହା ଦେଖିବାକୁ ଚାହାଁନ୍ତି।

270 ତେବେ, ବର୍ତ୍ତମାନ ଏଠାରେ ଆମେମାନେ, 16ତମ ପଦରେ। "କାରଣ ପ୍ରକୃତରେ ସେ ଗ୍ରହଣ କଲେ..."

> *କାରଣ ପ୍ରକୃତରେ, ସେ ତ ଦୂତମାନଙ୍କ ତତ୍ତ୍ୱ ନ ନେଇ; ଅବ୍ରହାମଙ୍କ ସନ୍ତାନମାନଙ୍କ ତତ୍ତ୍ୱ ନିଅନ୍ତି।*

271 ଓଃ, ଆମେ ବର୍ତ୍ତମାନ ପୁନର୍ବାର ଏହାକୁ ଧରି ରଖିବାକୁ ଚାହୁଁ। ତେବେ ଆମେମାନେ ଠିକ ତାହାକୁ ନେବା ପାଇଁ ତଳକୁ ଆସୁଛୁ...କାରଣ, ଏହି ଓୟ ପର୍ବର ସେହି ପ୍ରଥମ ଭାଗଟି, ଏହାର ଶେଷ ଭାଗଟି, ଆସନ୍ତା ଏହି ରବିବାର ଦିନ ନିମନ୍ତେ "ବିଶ୍ରାମବାର ପାଇଁ ସେଦିନ," ସହିତ ମିଶ୍ରିତ ହୁଏ।

272 ବର୍ତ୍ତମାନ ଦେଖନ୍ତୁ।

*...ସେ ଦୂତମାନଙ୍କର...ତତ୍ତ୍ୱ ନ ନେଇ;...*

ବର୍ତ୍ତମାନ, "ସେ" କିଏ ଅଟନ୍ତି, ଯାହା ବିଷୟରେ ସେ କହୁଅଛନ୍ତି? ଖ୍ରୀଷ୍ଟ। ଖ୍ରୀଷ୍ଟ କିଏ? ପରମେଶ୍ୱର, ପରମେଶ୍ୱରଙ୍କ ଲୋଗୋସ୍।

273 ତେବେ ମୋତେ ଏହାକୁ ପୁନର୍ବାର ବ୍ୟାଖ୍ୟା କରିବାକୁ ଦିଅନ୍ତୁ, ଯେଣୁ ଆପଣ ସୁନିଶ୍ଚିତ ହୋଇଯିବେ। ପରମେଶ୍ୱର ତିନୋଟି ପରମେଶ୍ୱର ନୁହଁନ୍ତି। ପରମେଶ୍ୱରଙ୍କ ତ୍ରିତ୍ତ୍ୱତା ଏକ ଅଟେ। ପିତା, ପୁତ୍ର, ପବିତ୍ରଆତ୍ମା, ଏହାର ଅର୍ଥ ତାହା ନୁହେଁ ଯେ ତିନୋଟି ଭିନ୍ନ ପରମେଶ୍ୱର ଅଛନ୍ତି। ଯଦି ଏହା ହୁଏ, ତାହାହେଲେ ଆମେମାନେ ପ୍ରତିମାପୂଜକ ହୋଇଯିବା। ସେହି କାରଣରୁ ଯିହୁଦୀମାନେ ବୁଝିପାରନ୍ତି ନାହିଁ। ଏହାକୁ ବାଇବଲରେ ସେହିପରି ଭାବରେ କେବେ ବି ଶିକ୍ଷା ଦିଆଯାଇ ନ ଥିଲା। ଏବେ, ଏହା କ୍ୟାଥୋଲିକ୍ ମଣ୍ଡଳୀରେ ଶିକ୍ଷା ଦିଆଯାଏ, ସଂପୂର୍ଣ୍ଣ ଭାବରେ, ଯେଉଁଠାରୁକି ସେହି ତ୍ରିତ୍ତ୍ୱ ବାପ୍ତିସ୍ମ ଆସିଅଛି।

274 ଆଫ୍ରିକାରେ ସେମାନେ ଆପଣଙ୍କୁ ତିନିଥର ମୁଖକୁ ଆଗକୁ କରି ବାପ୍ତିସ୍ମ ଦିଅନ୍ତି: ଥରେ ପିତା ପରମେଶ୍ୱରଙ୍କ ପାଇଁ; ଥରେ ପୁତ୍ର ପରମେଶ୍ୱରଙ୍କ ପାଇଁ; ଥରେ ପବିତ୍ରଆତ୍ମା ପରମେଶ୍ୱରଙ୍କ ପାଇଁ। ତେବେ, ତାହା ଏକ ତ୍ରୁଟି ଅଟେ। ତେବେ ବାଇବଲରେ ସେହିପରି କୌଣସି ଶିକ୍ଷା ଦିଆଯିବାର ବିଷୟ ନାହିଁ। ବୁଝିଲେ?

275 ଏବଂ ବର୍ତ୍ତମାନ, ତାହାହିଁ—ତାହାହିଁ ଅଟେ ଯାହା ସେମାନେ ଶିକ୍ଷା ଦେଇଥିଲେ। ଏହା ଲୁଥର୍ ଦେଇ ଆସିଥିଲା; ଲୁଥରରୁ ବାହାରି, ୱେସଲି ମଧ୍ୟକୁ ଗଲା; ଏବଂ ଏହିପରି ଭାବରେ ଯୁଗ ଯୁଗ ଧରି ଗଡି ଚାଲିଲା। ମାତ୍ର ଏହା କଦାପି ଏକ ବାଇବଲ ଶିକ୍ଷା ନ ଥିଲା। ଏହା ତ ଆରମ୍ଭ ହେବାର ସମୟଠାରୁ ହିଁ, ସର୍ବଦା ଏକ ତ୍ରୁଟି ଥିଲା।

276 ବର୍ତ୍ତମାନ, ତେବେ, ପରମେଶ୍ୱର ଆରମ୍ଭରେ ଥିଲେ। ଏହା ପୂର୍ବେକି ସେଠାରେ କୌଣସି ଆଲୋକ ଥିଲା, ଏହା ପୂର୍ବେକି ସେଠାରେ କୌଣସି ଏକ ପରମାଣୁ ଥିଲା, ଏହା ପୂର୍ବେକି ସେଠାରେ କୌଣସି ଏକ ତାରା ଥିଲା, ଏହା ପୂର୍ବେକି ସେଠାରେ କୌଣସି ଦୃଶ୍ୟମାନ ବିଷୟ ଥିଲା, ପରମେଶ୍ୱର ସମସ୍ତ ଶୁନ୍ୟକୁ ପୂରଣ କରିଥିଲେ। ଏବଂ ସେଥିରେ କେବଳ ଶୁଦ୍ଧତା ଥିଲା ତାହା ବ୍ୟତୀତ ଆଉ କିଛି ନ ଥିଲା: ବିଶୁଦ୍ଧ ପ୍ରେମ, ବିଶୁଦ୍ଧ ପବିତ୍ରତା, ବିଶୁଦ୍ଧ ଧାର୍ମିକ। ଏହା ଆତ୍ମା ଥିଲା। ସେ ସମସ୍ତ ଅନନ୍ତତାରୁ ସମଗ୍ର ଶୁନ୍ୟକୁ ପୂରଣ କରିଥିଲେ, ଯେଉଁଠାରେକି ଆମେ ତାକୁ ବୁଝିପାରିବା ନାହିଁ। ଏହା ସେହି ଯେକୌଣସି ବିଷୟଠାରୁ ଉର୍ଦ୍ଧ୍ୱରେ ଅଟେ ଯାହା ଆମେ କଳ୍ପନା କରିପାରିବା।

277 ଯେପରିକି ସେହି ଚଷମା ଦେଇ, ଆମେମାନେ ଏକ—ଏକ ଶହ ଏବଂ ସେହିପରି କିଛି ଲକ୍ଷ ଲକ୍ଷ ବର୍ଷର ଆଲୋକ ସ୍ଥାନକୁ ଦେଖିପାରିବା। ଏହା ବିଷୟରେ ଚିନ୍ତା କରନ୍ତୁ। ଏକ ଶହ ଲକ୍ଷ ବର୍ଷର ଆଲୋକ ସ୍ଥାନ। ଏବଂ ଆଲୋକ—ଆଲୋକ ପ୍ରତି ସେକେଣ୍ଡରେ ପ୍ରାୟଃ ଆଠ ହଜାର ମାଇଲ ଯାତ୍ରା କରିଥାଏ। ଏବଂ ଏକ ଶହ ଲକ୍ଷ ବର୍ଷର ଆଲୋକ ସ୍ଥାନ...ତେବେ କେବଳ ଚିନ୍ତା କରନ୍ତୁ ଯେ ତାହା କେତେ ଲକ୍ଷ ଲକ୍ଷ ମାଇଲ ହେବ। ଆପଣ ତ ଏପରିକି ତାହାକୁ

ଗଣନା ସୁଦ୍ଧା କରିପାରିବେ ନାହିଁ । ଆପଣ କେବଳ କେତୋଟି ନଅ ସଂଖ୍ୟାର ଏକ ଧାଡିକୁ ନେଇ ଏହାକୁ ଜେଫର୍ସନ୍‌ଭିଲ୍‌ର ଚାରିପାଖରେ ଚଲାଇ ପାରନ୍ତି, ଏବଂ ତଥାପି ଆପଣ ଏହାକୁ ମାଇଲ୍‌ର ମାଇଲ୍‌ରେ ଭାଙ୍ଗି ପାରନ୍ତି ନାହିଁ । ଏହା ବିଷୟରେ ଚିନ୍ତା କରନ୍ତୁ । ଏବଂ ଏହାର ବାହାରେ ସେଠାରେ ତଥାପି ତାରା ଏବଂ ଗ୍ରହ ରହିଛନ୍ତି । ଏବଂ ପରମେଶ୍ୱର, ଏହା ପୂର୍ବେକି ସେମାନଙ୍କ ମଧ୍ୟରୁ ଗୋଟିଏ ବି ଥିଲା, ସେ ଥିଲେ । ବୁଝିଲେ?

278 ଏବଂ ବର୍ତ୍ତମାନ ସେହି ଲୋଗୋସ୍ ଯାହାକି ପରମେଶ୍ୱରଙ୍କଠାରୁ ବାହାରିଥିଲା, ଯାହାକି ସେହି—ସେହି ଲୋଗୋସ୍ ଥିଲା, ଏହା ସବୁ ଏକ—ଏକ ଶରୀର ଆକୃତିରେ ଗଠନ ହେବାକୁ ଆରମ୍ଭ କଲା । ଏବଂ ଏହି ଶରୀରର ଆକୃତିକୁ, ପଣ୍ଡିତମାନଙ୍କର ଶିକ୍ଷାଦାନରେ, ଲୋଗୋସ୍ ବୋଲି କୁହାଯାଏ, ସେହି ଲୋଗୋସ୍ ଯାହା ପରମେଶ୍ୱରଙ୍କଠାରୁ ବାହାରିଥିଲା । ଅନ୍ୟ ଶବ୍ଦରେ, ଏହା ପାଇଁ ଏକ—ଏକ ଅଧିକ ଉତ୍ତମ ଶବ୍ଦ ହେଉଛି, ଯାହାକୁ ଆମେ କହିଥାଉ ଏକ ଥିଓଫାନି । (ଥିଓଫାନି ହେଉଛି ଏକ ମାନବ ଶରୀର ଯାହାକି ଗୌରବାନ୍ୱିତ ଅଟେ ।) ଅବିକଳ ଠିକ ସେହି ମାଂସ ଏବଂ ରକ୍ତ ସହିତ ନୁହେଁ ଯେପରିକି ଏହା ତାର ଗୌରବାନ୍ୱିତ ପର୍ଯ୍ୟାୟରେ ରହିବ, ମାତ୍ର ଏହା ଏକ ମାନବ ଶରୀରର ଏକ ରୂପ ଅଟେ ଯାହାକି ଭୋଜନ କରେ ନାହିଁ, କିମ୍ବା ପାନ କରେ ନାହିଁ, ମାତ୍ର ଏହା—ଏହା ଏକ ଶରୀର ଅଟେ, ଏପରି ଏକ ଶରୀର ଯାହାକି ଆମକୁ ଅପେକ୍ଷା କରିଅଛି ଯେତେବେଳେ ଆମେ ଏହି ଗୋଟିକକୁ ପରିତ୍ୟାଗ କରିବା । ତେବେ, ସେଠାରେ, ଆମେମାନେ ସେହି ଶରୀର ମଧ୍ୟକୁ ପ୍ରବେଶ କରୁ । ଏବଂ ତାହା ସେହି ପ୍ରକାରର ଶରୀର ଥିଲା ଯାହାକି ପରମେଶ୍ୱର ଥିଲେ, କାରଣ ସେ କହିଥିଲେ, "ଆସୁ ଆମେ ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ଏବଂ ନିଜ ସାଦୃଶ୍ୟରେ ନିର୍ମାଣ କରିବା ।"

279 ତେବେ, ଯେତେବେଳେ ମଣିଷ ସେହି ଶରୀରକୁ ଆସିଲା, ସେତେବେଳେ ସେ ସମସ୍ତ ମାଛ ଉପରେ, ଏବଂ ପକ୍ଷୀ ଉପରେ, ଏବଂ—ଏବଂ କ୍ଷେତ୍ରର ପଶୁଗଣ ଉପରେ ନିୟନ୍ତ୍ରଣ କରି ପାରୁଥିଲା । "ଏବଂ ତାହାପରେ ସେଠାରେ କୃଷି କର୍ମ କରିବା ନିମନ୍ତେ କୌଣସି ମନୁଷ୍ୟ ନ ଥିଲେ," ଆଦିପୁସ୍ତକ 2 । ସେ ପୁରୁଷ ଏବଂ ସ୍ତ୍ରୀ ନିର୍ମାଣ କରି ସାରିଥିଲେ, ମାତ୍ର ସେଠାରେ କୃଷିକର୍ମ କରିବା ନିମନ୍ତେ କୌଣସି ମନୁଷ୍ୟ ନ ଥିଲେ ।

ତାହାପରେ ପରମେଶ୍ୱର ମନୁଷ୍ୟକୁ ପୃଥିବୀର ଧୂଳିରୁ ସୃଷ୍ଟି କରିଥିଲେ । ସେ ତାଙ୍କୁ ଏକ ଶିମ୍ପାଞ୍ଜି ପରି—ଏକ ଶିମ୍ପାଞ୍ଜି ପରି ଏକ ହାତ ଦେଲେ । ସେ ତାଙ୍କୁ ଏକ ଭାଲୁ ପରି ଏକ ପାଦ ଦେଲେ । ସେ ତାଙ୍କୁ ଦେଲେ, ସେ ତାଙ୍କୁ ପ୍ରତିମୂର୍ତ୍ତିରେ, ନିର୍ମାଣ କଲେ । ଏବଂ ଏହି ପାର୍ଥିବ ଶରୀରଟି ସେହି ପଶୁ ଜୀବନର ପ୍ରତିଛବିରେ ଅଟେ, ଏବଂ ଏହା ସେହି ସମାନ ପ୍ରକାରର ପଦାର୍ଥରୁ ନିର୍ମିତ । ଆପଣଙ୍କର ଶରୀର ଠିକ ସେହି ସମାନ ପଦାର୍ଥରୁ ନିର୍ମିତ୍ର ହୋଇଅଛି ଯେଉଁ ପଦାର୍ଥରୁ ଏକ ଘୋଡା, କିମ୍ବା ଏକ କୁକୁର, କିମ୍ବା ସେହିପରି କିଛି ବିଷୟ ନିର୍ମାଣ ହୋଇଥାଏ । ଏହା କ୍ୟାଲସିୟମ, ପୋଟାଶ, ପେଟ୍ରୋଲିୟମ, କସ୍ମିକ ପ୍ରକାଶରୁ ନିର୍ମିତ ହୋଇଥାଏ । ଆପଣ କେବଳ ନୁହଁନ୍ତି…ସେହି ଭଳି ସମସ୍ତ ମାଂସମୟ ଦେହ ସେହି ସମାନ ମାଂସମୟ ନୁହେଁ; ଏହା

ତ ଭିନ୍ନ ମାଂସମୟ ଶରୀର ଅଟେ, କିନ୍ତୁ ଏହା ପୃଥିବୀର ଧୂଳିରୁ ନିର୍ମିତ ହୋଇଅଛି ଯେଉଁଥିରୁକି ଏହା ଆସିଥାଏ ।

ମାତ୍ର, ଏକ ପଶୁ ଏବଂ ଏକ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ହେଉଛି, ପରମେଶ୍ୱର ମନୁଷ୍ୟ ଭିତରେ ଏକ ପ୍ରାଣକୁ ରଖିଥିଲେ, ଏବଂ ସେ ଏହାକୁ ସେହି ପଶୁ ଭିତରେ ରଖିଲେ ନାହିଁ । କାରଣ, ସେହି ମନୁଷ୍ୟ ଭିତରେ ଥିବା ସେହି ପ୍ରାଣ ହିଁ ହେଉଛି ସେହି ଥିଓଫାନି ।

ଓଃ, ମୁଁ—ମୁଁ, ମୁଁ କେବେବି ଏହି ଶିକ୍ଷାକୁ...ପହଞ୍ଚିବି ନାହିଁ, କିନ୍ତୁ ମୁଁ ଏହାକୁ ନେବାକୁ ଅଛି ।

280 ଦେଖନ୍ତୁ । କଅଣ ଆପଣମାନଙ୍କର ମନେ ଅଛି କି ଯେତେବେଳେ ପିତର କାରାଗାରରେ ଥିଲେ, ଏବଂ ପ୍ରଭୁଙ୍କର ଦୂତ ଆସି ଦ୍ୱାରଗୁଡ଼ିକୁ ଫିଟାଇଥିଲେ?

281 ଅନ୍ୟ ଏକ ଦିନ, ଆମେମାନେ ଏଠାରେ ବୃହତ ବଜାର ଦେଇ ଯାଉଥିଲୁ, ଏବଂ ଆମ ସମ୍ମୁଖରେ ଦ୍ୱାରଗୁଡ଼ିକୁ ଫିଟି ଯାଇଥିଲା । ମୁଁ କହିଲି, "ଆପଣ ଜାଣନ୍ତି, ଇବଲରେ ତାହା ପ୍ରଥମେ ରହିଥିଲା ।" ବୁଝିଲେ? ତେବେ ସେହି ଦୋହଲୁଥିବା, ସେହି କବାଟଟି, ନିଜେ ନିଜେ ଖୋଲିଥାଏ ।

282 ଏବଂ ଯେତେବେଳେ ପିତର ଏହି ଆରକ୍ଷୀମାନଙ୍କ ପାଖ ଦେଇ, ଚାଲିକରି ବାହାରି ଆସିଲେ, ସେମାନେ ତାଙ୍କ ପ୍ରତି ଅନ୍ଧ ଥିଲେ । ସେ ଭିତର ଆରକ୍ଷୀ, ବାହ୍ୟ ଆରକ୍ଷୀକୁ ଅତିକ୍ରମ କରି, ବାହାର ପ୍ରାଙ୍ଗଣକୁ ଆସିଲେ, କାନ୍ଥ ଦେଇ, ବାହାରେ ରାସ୍ତା ମଧ୍ୟକୁ ଆସିଗଲେ । ଏବଂ ସେମାନଙ୍କ ମଧ୍ୟରୁ କେହି ହେଲେ ଏହା ଜାଣିଲେ ନାହିଁ ଯେ ସେ କିଏ ଥିଲେ । ଏବଂ କୌଣସି ଧ୍ୟାନ ଦେଲେ ନାହିଁ...ସେମାନେ ଭାବିଲେ ଯେ ସେ ଅନ୍ୟ ଜଣେ କୌଣସି ଆରକ୍ଷୀ କିମ୍ବା ସେପରି କିଛି ହୋଇଥିବେ । ସେମାନେ...ସେ ଠିକ୍ ସେହି ବାଟ ଦେଇ ଗଲେ, ଏବଂ କବାଟଟି ନିଜେ ନିଜେ ଖୋଲି ଗଲା, ଯେତେବେଳେ ସେ ବାହାରକୁ ଗଲେ, ଏବଂ ପଛରୁ ବନ୍ଦ ହୋଇଗଲା । ଏବଂ ଯେତେବେଳେ ସେ ସେଠାରେ ବାହାରେ ପହଞ୍ଚିଲେ, ସେ ଭାବିଲେ ଯେ ସେ ଏକ ସ୍ୱପ୍ନ ଦେଖୁଛନ୍ତି । ଏବଂ ସେ ଜନ୍ ମାର୍କଙ୍କ ଘରକୁ ଗଲେ, ଯେଉଁଠାରେ ସେମାନଙ୍କର ଏକ ପ୍ରାର୍ଥନା ସଭା ଚାଲିଥିଲା । ଏବଂ ସେ ଆଘାତ କଲେ...[ଭାଇ ବ୍ରାନହାମ୍ ପ୍ରଚାର ମଞ୍ଚ ଉପରେ ଆଘାତ କରନ୍ତି । ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ଆପଣମାନଙ୍କ ମଧ୍ୟରେ ରହିବାକୁ ।

283 ଓଃ, ସେ ଗୌରବମୟ ଅଟନ୍ତି । ସେ ଅଦ୍ଭୁତ ଅଟନ୍ତି ।

> ବର୍ତ୍ତମାନ, ଓଃ, *ସେ ଜଣେ ଦୂତ ରୂପରେ ସୃଷ୍ଟି ହୋଇ ନ ଥିଲେ; ଅବ୍ରହାମଙ୍କ ସନ୍ତାନମାନଙ୍କ...ତତ୍ତ୍ୱ ନିଅନ୍ତି ।* ପରମେଶ୍ୱର *ଅବ୍ରହାମଙ୍କ ସନ୍ତାନମାନଙ୍କ ତତ୍ତ୍ୱ* ନେଲେ *।*

284 ବର୍ତ୍ତମାନ, ଯଦି ଆମ ପାଖରେ ସମୟ ଅଛି, ଯେ ଆମେମାନେ ଫେରିଯିବା ଓ ଦେଖିବା ଯେ ସେ ଏହାକୁ ନିୟମରେ କିପରି କରିଥିଲେ! ଆପଣ ମୋତେ ଏହା ଉପରେ, ଅନେକ ଥର ପ୍ରଚାର କରିଥିବାର ଶୁଣିଛନ୍ତି, ଯେ ସେ କିପରି ସେହି ପଶୁମାନଙ୍କୁ ନେଇ ତାକୁ ଖଣ୍ଡ ଖଣ୍ଡ କରି

ରଖିଥିଲେ, ଏବଂ ଘୁଘୁ କାପ୍ତା ଏବଂ କପୋତକୁ ତାହା ମଧ୍ୟରେ ରଖିଥିଲେ । ତାହାପରେ ସେ ଅନାଇଲେ, ଏବଂ ଏକ ଅଳ୍ପ ଟିକିଏ ଧୂମ, କଳା ଭୟ, ମୃତ୍ୟୁକୁ ଦେଖିଥିଲେ । ତାହା ପରେ, ଏକ ଧୂମ ଉଠୁଥିବା ଅଗ୍ନିମୟ ଭାଟି, ନରକକୁ । ମାତ୍ର, ତାହା ବାହାରେ, ଏକ ଛୋଟ ଶୁଭ୍ର ପ୍ରକାଶ ଗମନ କରିଥିଲା । ଏବଂ ସେହି ଛୋଟ ଧଳା ପ୍ରକାଶଟି ସେହି କଟା ହୋଇଥିବା ବଳିଦାନର ପ୍ରତ୍ୟେକ ଖଣ୍ଡ ମଧ୍ୟ ଦେଇ ଗଲା, ଯାହାକି ଏହା ଦର୍ଶାଉଥିଲା ଯେ ସେ କଅଣ କରିବେ । ଏବଂ ଯେତେବେଳେ ସେ ତାହା କଲେ, ସେ ଏକ ଶପଥ କଲେ, ଏବଂ ସେ ଏକ ନିୟମକୁ ଲେଖିଲେ, ଯାହାକି ଏହାକୁ ଦର୍ଶାଉଥିଲା ଯେ ସେ କଅଣ କରିବେ ।

285 ଏବଂ ସେ, ଯୀଶୁ ଖ୍ରୀଷ୍ଟ, ପୃଥିବୀକୁ ଆସିଲେ; ପରମେଶ୍ୱର, *ଇମ୍ମାନୁୟେଲ୍*, "ପରମେଶ୍ୱର ଶରୀରରେ ।" ଏବଂ କାଲଭାରୀରେ, ସେ ବିଭକ୍ତ କରାଗଲେ । ଏବଂ ତାହାଙ୍କର ଆତ୍ମା ମଣ୍ଡଳୀକୁ ଫେରି ଆସିଲା । ଏବଂ ତାହାଙ୍କ ଶରୀର ଉପରକୁ ଉନ୍ନୀତ କରାଯାଇ ପରମେଶ୍ୱରଙ୍କ ସିଂହାସନରେ ଉପବେଶନ କରାଗଲା ।

ପରମେଶ୍ୱରଙ୍କ ସିଂହାସନ! ସେହି ଜଣକା ଯିଏକି ସେହି ସିଂହାସନରେ ଅଛନ୍ତି ସେ ହେଉଛନ୍ତି ବିଚାର୍କର୍ତ୍ତା । ଆମେମାନେ ତାହା ଜାଣୁ । ତେବେ, ବିଚାର କେଉଁଠାରେ ଅଛି? ପିତା ଦାନ କରିଅଛନ୍ତି…ସେ କୌଣସି ମନୁଷ୍ୟର ବିଚାର କରନ୍ତି ନାହିଁ । ମାତ୍ର ପିତା ସମସ୍ତ ବିଚାରକୁ ପୁତ୍ରଙ୍କଠାରେ ନ୍ୟସ୍ତ କରି ଦେଇଛନ୍ତି । ତେଣୁ ସେ ଅଛନ୍ତି । ଏବଂ ତାହାଙ୍କର ଜୀବନ ହେଉଛି ମହାଯାଜକ, ଯିଏକି ସେଠାରେ ଆମମାନଙ୍କର ସ୍ୱୀକାରୋକ୍ତିକୁ ନିବେଦନ କରିବା ପାଇଁ, ସେଠାରେ ଏକ ବଳିଦାନ ସ୍ୱରୂପେ, ତାହାଙ୍କର ନିଜ ଶରୀର ସହିତ ଉପବେଶନ କରିଅଛନ୍ତି । ଆମେନ୍ । ଭାଇ, ତାହା ଆପଣଙ୍କ ଭିତରେ କିଛି ଗୋଟାଏ କରିଥାଏ ।

286 ଧ୍ୟାନ ଦିଅନ୍ତୁ, "ସେ ଅବ୍ରହାମଙ୍କ ସନ୍ତାନମାନଙ୍କ ତତ୍ତ୍ୱ ନେଲେ ।" ସେ ଜଣେ ମନୁଷ୍ୟ ହୋଇଗଲେ । ପରମେଶ୍ୱର, ଆମମାନଙ୍କୁ ମୁକ୍ତ କରିବା ପାଇଁ, ଆମମାନଙ୍କ ମଧ୍ୟରେ ମାଂସମୟ ଶରୀର ଧାରଣ କଲେ । ଅନ୍ୟ ଅର୍ଥରେ, ପରମେଶ୍ୱର ପାପ ହୋଇଗଲେ, ଯେପରିକି ଆମେ ପାପୀମାନେ ତାହାଙ୍କର ଅଂଶୀଦାର ହୋଇପାରିବା । ଏବଂ ଯେତେବେଳେ ଆମେ ତାହାଙ୍କର ଅଂଶୀଦାର ହେଉ, ଆମେମାନେ ତାହାଙ୍କର ଅଂଶ ଗ୍ରହଣ କରୁ… ଆମେମାନେ ତ ସମୟ-ସ୍ଥାନ ବନ୍ଧିତ, ତିନି କୋଡି ଦଶ ଲୋକ ଥିଲୁ । ଏବଂ ପରମେଶ୍ୱର ତଳକୁ ଓହ୍ଲାଇ ଆସି ତାଙ୍କର ନିରୂପିତ ସମୟ ପାଇଁ, ଆମମାନଙ୍କ ମଧ୍ୟରୁ ଜଣେ, ତିନି କୋଡି ଦଶ ହୋଇଗଲେ, ଯେପରିକି ଆମେରମାନେ ତାହାଙ୍କର ଅନନ୍ତ ଜୀବନର ଅଂଶୀଦାର ହୋଇପାରିବା । ଏବଂ ଯେତେବେଳେ ଆମେମାନେ ନୂତନ ଜନ୍ମ ପାଇଥାଉ, ଆମେମାନେ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ହୋଇଯାଉ, ଏବଂ ଅନନ୍ତ ଜୀବନ ପାଇଥାଉ, ଏବଂ କଦାପି ବିନଷ୍ଟ ହେବୁ ନାହିଁ ।

ଓଃ, କି ଏକ—କି ଏକ—କି ଏକ ଆଶୀଷିତ ତ୍ରାଣକର୍ତ୍ତା! ଓଃ, ଏହାକୁ ଲେଖିବାର କୌଣସି ଉପାୟ ନାହିଁ । ଏହାକୁ ବ୍ୟାଖ୍ୟା କରିବାର କୌଣସି ଉପାୟ ନାହିଁ । ଏହା ତ ବ୍ୟାଖ୍ୟା

କରିବାର ଉର୍ଦ୍ଧ୍ୱରେ ଅଟେ । କେହି ହେଲେ ଏହାକୁ ବ୍ୟାଖ୍ୟା କରିପାରନ୍ତି ନାହିଁ ଯେ ତାହା କେତେ ମହାନ ଅଟେ । "ତୁମେ କେତେ ମହାନ୍! ତୁମେ କେତେ ମହାନ୍!" ଠିକ୍ ଅଟେ ।

> *ଅତଏବ ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ ହେବା ତାହାଙ୍କର ଉଚିତ ଥିଲା,...*(ତାହା ବିଷୟରେ ଚିନ୍ତା କରନ୍ତୁ ।)*...ଯେପରି ସେ ଲୋକମାନଙ୍କ ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ପରମେଶ୍ୱରଙ୍କ ସେବା ସମ୍ବନ୍ଧରେ,...* (ଏହାକୁ ଶୁଣନ୍ତୁ ।) *...ଜଣେ ଦୟାଳୁ...*ଏବଂ *ବିଶ୍ୱସ୍ତ ମହାଯାଜକ ହୁଅନ୍ତି ।*

ପ୍ରାୟଶ୍ଚିତ କରିବା ନିମନ୍ତେ, ତେବେ, ପରମେଶ୍ୱରଙ୍କୁ, ନ୍ୟାୟ ଜାଣି, ଅନ୍ୟାୟ ହେବାକୁ ପଡିଲା, ଯେଣୁ ଏହା ଅନୁଭବ କରିପାରିବେ ଯେ ଜଣେ ପାପୀ ହେବା କଅଣ ଅଟେ, ଯେପରିକି "ପ୍ରାୟଶ୍ଚିତ" ମାଧ୍ୟମରେ, ପୁନର୍ମିଳନ କରିବାକୁ ଯାଆନ୍ତି ଏବଂ ଲୋକମାନଙ୍କ ପ୍ରତି ଦୟା କରନ୍ତି ।

287 ପରବର୍ତ୍ତୀ ପଦ, ଏଠାରେ ଏହାକୁ ଶୁଣନ୍ତୁ ।

> *କାରଣ ସେ ନିଜେ ପରୀକ୍ଷିତ ହୋଇ ଦୁଃଖଭୋଗ କରିଥିବାରୁ...*

288 ପରମେଶ୍ୱର ଆତ୍ମାରେ ଦୁଃଖଭୋଗ କରିପାରିବେ ନାହିଁ । ତାହାଙ୍କୁ ତ ମାଂସମୟ ଦେହ ଧାରଣ କରିବାକୁ ପଡିଲା, ଯେପରିକି ଅସୁସ୍ଥତାର ଯନ୍ତ୍ରଣାକୁ ଅନୁଭବ କରିପାରନ୍ତି, ଲୋଭର ପରୀକ୍ଷାକୁ ଅନୁଭବ କରିପାରନ୍ତି, ଅଭାବର ପ୍ରଲୋଭନକୁ ଅନୁଭବ କରିପାରନ୍ତି, ଭୋକର ପ୍ରଲୋଭନ ଅନୁଭବ କରିପାରନ୍ତି, ମୃତ୍ୟୁର ଶକ୍ତିକୁ ଅନୁଭବ କରିପାରନ୍ତି । ଯେପରିକି ସେ ସେହି ମହାନ ଆତ୍ମା ଯିହୋବାଙ୍କ ଉପସ୍ଥିତିରେ ଛିଡା ହେବା ପାଇଁ ନିଜ ଉପରେ ଗ୍ରହଣ କରିପାରନ୍ତି, ସେହି ଆତ୍ମାଙ୍କ ଉପସ୍ଥିତିରେ, ମନୁଷ୍ୟର ଉପସ୍ଥିତିରେ ନୁହେଁ; ସେହି ଆତ୍ମା, ଯେପରିକି ଏହି ଜୀବନ ନିମନ୍ତେ ମଧ୍ୟସ୍ଥି କରିପାରିବେ । ଏବଂ ଯୀଶୁ ଆମ ନିମନ୍ତେ, ମଧ୍ୟସ୍ଥି କରିବା ପାଇଁ ତାହା ଗ୍ରହଣ କଲେ, କାରଣ ସେ ଜାଣନ୍ତି ଯେ ଏହା କିପରି ଅନୁଭବ ହୁଏ । ଯେତେବେଳେ ଆପଣ ଅସୁସ୍ଥ ହୁଅନ୍ତି, ସେ ଜାଣନ୍ତି ଯେ ଆପଣ କିପରି ଅନୁଭବ କରନ୍ତି । ଯେତେବେଳେ ଆପଣ ପ୍ରଲୋଭିତ ହୁଅନ୍ତି, ସେ ଜାଣନ୍ତି ଯେ ଆପଣ କିପରି ଅନୁଭବ କରନ୍ତି ।

289 ତେବେ, କଅଣ ଆପଣମାନେ କେବେ ଧ୍ୟାନ ଦେଇଛନ୍ତି କି ଯେତେବେଳେ ଆମେମାନେ ଜଣେ ରାଷ୍ଟ୍ରପତିଙ୍କୁ ମତଦାନ କରିଥାଉ, ପ୍ରତ୍ୟେକ କୃଷକ ଏପରି ଜଣେ ରାଷ୍ଟ୍ରପତିଙ୍କୁ ମତଦାନ କରିବେ ଯିଏକି ଜଣେ କୃଷକ ହୋଇଥିବେ, କାରଣ ସେ ସେହି କୃଷକ ଜୀବନର କଠିନ ଅଂଶକୁ ଜାଣନ୍ତି । ବୁଝିଲେ? ସେ ଏପରି କୌଣସି ଲୋକକୁ ଚାହିଁବେ ଯିଏକି ବୁଝୁଥିବେ ।

290 ଏବଂ ଏହା ପୂର୍ବେକି ପରମେଶ୍ୱର କେବେ ବୁଝିପାରନ୍ତି (ନିଜେ ସେହି ମହାନ ପବିତ୍ରତା ହୋଇ, ସେ ମନୁଷ୍ୟକୁ ନିନ୍ଦା କରିବା ପରେ ସେ ତାହା କିପରି ବା ବୁଝି ପାରିବେ? ଆପଣା ପବିତ୍ରତା ଦ୍ୱାରା, ସେ ମନୁଷ୍ୟକୁ ନିନ୍ଦା କରିଥିଲେ ।), ଏବଂ ଏକମାତ୍ର ଉପାୟ ଯେ ସେ

କଦାଚ ଜାଣିବେ ଯେ ମନୁଷ୍ୟକୁ କିପରି ଧାର୍ମିକ କରିବାକୁ ଅଛି ସେ ନିଜେ ଏକ ମନୁଷ୍ୟ ହୋଇଯାଆନ୍ତି ।

291 ଏବଂ ପରମେଶ୍ୱର ସେହି କୁମାରୀ କନ୍ୟାକୁ ଛାୟା କଲେ ଏବଂ ସେ ଏକ ଶରୀରକୁ ଜନ୍ମ ଦେଲା, କୌଣସି ଯିହୁଦୀ ରକ୍ତ ନୁହେଁ, କୌଣସି ବିଜାତୀ ରକ୍ତ ନୁହେଁ, ମାତ୍ର ତାହାଙ୍କର ନିଜର ରକ୍ତ । ପରମେଶ୍ୱରଙ୍କ ସୃଷ୍ଟ ରକ୍ତ, ଆଦୌ କୌଣସି ଯୌନ ସମ୍ପର୍କ ନାହିଁ, ଏଥିରେ ଆଦୌ କିଛି ନୁହେଁ, କୌଣସି ଯୌନ ଇଚ୍ଛା ନୁହେଁ । ଏବଂ ଏହି ରକ୍ତ କୋଷିକା, ଏହି ସ୍ତ୍ରୀଲୋକର ଗର୍ଭରେ ସୃଷ୍ଟି ହୋଇ, ସେହି ପୁତ୍ରଙ୍କୁ ଜନ୍ମ ଦେଲା । ଏବଂ ଯେତେବେଳେ ସେ ଡୁବକ ଯୋହନଙ୍କ ଦ୍ୱାରା ବାପ୍ତିଜିତ କରାଗଲେ, ଯୋହନ କହିଥିଲେ, "ମୁଁ ପରମେଶ୍ୱରଙ୍କ ଆତ୍ମାକୁ (ଏକ କପୋତ ପରି) ତଳକୁ ଓହ୍ଲାଇ ଆସି ତାହାଙ୍କ ଉପରେ ଅଧିଷ୍ଠାନ କରୁଥିବାର ଦେଖିବା ବିଷୟରେ, ସାକ୍ଷ୍ୟ ଦିଏ ।"

292 କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯୀଶୁ କହିପାରିଥିଲେ, ଯେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଶକ୍ତି ମୋ ହସ୍ତରେ ପ୍ରଦତ୍ତ ଅଟେ ।" ପରମେଶ୍ୱର ଏବଂ ମନୁଷ୍ୟ ଏକ ହୋଇ ଯାଇଥିଲେ । ସ୍ୱର୍ଗ ଓ ପୃଥିବୀ ପରସ୍ପରକୁ ଆଲିଙ୍ଗନ କଲେ, ଏବଂ ସେ ହିଁ ସେହି ଜଣକା ଥିଲେ ଯିଏକି ଆମର ପାପ ପାଇଁ ପ୍ରାୟଶ୍ଚିତ କରିପାରନ୍ତି । ସେହି କାରଣରୁ ହିଁ, ତାହାଙ୍କ ନାମରେ, ଆରୋଗ୍ୟତା ସାଧନ କରାଯାଏ । ସେ ଆପଣଙ୍କର ଯନ୍ତ୍ରଣା ଜାଣନ୍ତି ।

293 କଅଣ ଆପଣ କେବେ ଏହି ଛୋଟ ପୁରୁଣା ଗୀତକୁ ଶୁଣିଛନ୍ତି କି?

> ତୁମେ ଅନୁଭବ କରୁଥିବା ଯନ୍ତ୍ରଣାକୁ ଯୀଶୁ ଜାଣନ୍ତି, ସେ ରକ୍ଷା କରିପାରନ୍ତି ଏବଂ ସେ ସୁସ୍ଥ କରିପାରନ୍ତି;
> ତୁମର ଭାରକୁ ପ୍ରଭୁଙ୍କ ନିକଟରେ ନିଅ ଓ ସେଠାରେ ଛାଡି ଦିଅ ।

ତାହା ଠିକ୍ । ସେ ଜାଣନ୍ତି ।

> ଯେତେବେଳେ ଆମ ଶରୀର ଯନ୍ତ୍ରଣାରେ ଛଟପଟ ହୁଏ, ଏବଂ ଆମର ସ୍ୱାସ୍ଥ୍ୟ ଆମେ ପୁନର୍ବାର ପାଇ ନ ପାରିଥାଉ,
> କେବଳ ସ୍ମରଣ କରନ୍ତୁ ଯେ ସ୍ୱର୍ଗରେ ଥିବା ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି,
> ତୁମେ ଅନୁଭବ କରୁଥିବା ଯନ୍ତ୍ରଣାକୁ ଯୀଶୁ ଜାଣନ୍ତି, ସେ ରକ୍ଷା କରିପାରନ୍ତି ଏବଂ ସେ ସୁସ୍ଥ କରିପାରନ୍ତି;
> ତୁମର ଭାରକୁ କେବଳ ପ୍ରଭୁଙ୍କ ନିକଟରେ ନିଅ ଓ ସେଠାରେ ଛାଡି ଦିଅ ।

294 ତାହାହିଁ ସବୁ କିଛି ଯାହା ସେ ମାଗନ୍ତି, "ଏହାକୁ କେବଳ ସେଠାରେ ଛାଡିଦିଅ ।" କାହିଁକି? ସେ ଆମର ମହାଯାଜକ ଏଠାରେ ଛିଡା ହୋଇଅଛନ୍ତି, ଯିଏକି ଏହା ଜାଣନ୍ତି ଯେ ଆପଣ କିପରି ଅନୁଭବ କରନ୍ତି । ଏବଂ ସେ ଜାଣନ୍ତି ଯେ ଆପଣଙ୍କୁ କିପରି ଭାବରେ ଅନୁଗ୍ରହ

ସହିତ ପୁନର୍ମିଳନ କରାଇବାକୁ ଅଛି, ଏବଂ ଆପଣଙ୍କୁ କିପରି ଭବରେ ଉତ୍ତମ ସ୍ୱାସ୍ଥ୍ୟକୁ ଫେରାଇ ଆଣିବାକୁ ଅଛି । ସେ ଏହା ବିଷୟରେ ସବୁକିଛି ଜାଣନ୍ତି, ସେ ଦୁଃଭୋଗ କରିଥିଲେ । ଯେତେବେଳେ ଆପଣଙ୍କ ପାଖରେ ନିଜର ମୁଣ୍ଡ ରଖିବାର କୌଣସି ସ୍ଥାନ ନ ଥିଲା, ତାହାଙ୍କ ପାଖରେ ମଧ୍ୟ ସେହି ସମାନ ବିଷୟ ରହିଥିଲା । ଯେତେବେଳେ ଆପଣଙ୍କ ପାଖରେ କେବଳ ଗୋଟିଏ ହଳ ପୋଷାକ ରହିଥିଲା, ତାହାଙ୍କ ପାଖରେ ମଧ୍ୟ ସେହି ସମାନ ବିଷୟ ରହିଥିଲା । ଯେତେବେଳେ ଆପଣଙ୍କୁ ଥଟ୍ଟା ପରିହାସ କରାଗଲା, ତାଡ଼ନା କରାଗଲା, ତାହାଙ୍କର ମଧ୍ୟ ସେହି ସମାନ ବିଷୟ ହୋଇଥିଲା ।

295 ତେବେ ସେହି ଶେଷ ପଦକୁ ଧ୍ୟାନ ସହକାରେ ଶୁଣନ୍ତୁ । ଠିକ୍ ଅଛି ।

> ...*ପରୀକ୍ଷିତ ହେଉଥିବା* ଲୋକମାନଙ୍କ *ଉପକାର କରିବା ନିମନ୍ତେ ସକ୍ଷମ ଅଟନ୍ତି ।*

କିଅବା, ଅନ୍ୟ ଶବ୍ଦରେ, ସେ ସେହି ଲୋକମାନଙ୍କୁ *ସୁରକ୍ଷିତ* କରିବାକୁ, ସେହି ଲୋକମାନଙ୍କୁ *ସାହାଯ୍ୟ* କରିବାକୁ, ସେମାନଙ୍କୁ ଏପରି କରିବାରେ...ସେମାନଙ୍କ ପ୍ରତି *ସହାନୁଭୂତି* ଦେଖାଇବାକୁ ସକ୍ଷମ ଅଟନ୍ତି । କାରଣ, ପରମେଶ୍ୱର ନିଜେ ମନୁଷ୍ୟ ହୋଇ ଯାଇଥିଲେ, ଯେପରିକି ଏହାକୁ ଅନୁଭବ କରିପାରନ୍ତି ।

296 କଅଣ ଆପଣମାନଙ୍କର, ସେହି ଅନ୍ୟ ରାତି ବିଷୟରେ ମନେ ଅଛି କି, କଅଣ ଆମେ ତାହା ଉପରେ ଶିକ୍ଷା ଦେଇ ନ ଥିଲୁ କି? କିପରି ଯେ ପରମେଶ୍ୱରଙ୍କୁ କରିବାକୁ ପଡିଥିଲା... ମୃତ୍ୟୁର ସେଥିରେ ଏକ ନାହୁଡ ଥିଲା, ସେଥିରେ ଏକ ଭୟ ଥିଲା । "ସେମାନଙ୍କର ଯାବଜ୍ଜୀବନ ସେମାନେ ଏହି *ମୃତ୍ୟୁ*ର ଦାସତ୍ୱର ବନ୍ଧନରେ ଥିଲେ ।" ଏବଂ ତାହାପରେ ଯୀଶୁ ଆସିଲେ, ଯେପରିକି ସେ ମୃତ୍ୟୁଠାରୁ ସେହି ନାହୁଡକୁ ବାହାର କରିଦିଅନ୍ତି ।

ଏବଂ ଯେତେବେଳେ ସେ ପର୍ବତ ଉପରକୁ ଯାଉଥିଲେ, କଅଣ ଆପଣମାନଙ୍କର ମନେ ଅଛି ଯେ ଆମେମାନେ ଏହାକୁ କିପରି ଚିତ୍ରିତ କରିଥିଲୁ? ତାହାଙ୍କ ଅଙ୍ଗରଖାରେ ଛୋଟ ଛୋଟ ଲାଲ୍ ବିନ୍ଦୁ, ଅଳ୍ପ ସମୟ ପରେ ତାହା ସବୁ ମିଶି ଗୋଟିଏ ବଡ ବିନ୍ଦୁ ହୋଇଗଲା, ଏବଂ ତାହାଙ୍କ ଚାରିପାଖରେ ରକ୍ତ ବିଞ୍ଚି ହୋଇଯାଇଥିଲା । ତାହାଙ୍କର ଛୋଟ, ଦୁର୍ବଳ ଶରୀର, ସେ ଆଉ ଆଗକୁ ଯାଇ ପାରି ନ ଥିଲେ, ଏବଂ ସେ ତଳେ ପଡ଼ିଗଲେ । କୂରିଣୀୟ ଶିମୋନ୍, ସେହି ଅଶ୍ୱେତ ବ୍ୟକ୍ତି, ତାହାଙ୍କୁ ପାହାଡ ଉପରକୁ କ୍ରୁଶ ବହନ କରିବାରେ ସାହାଯ୍ୟ କରିଥିଲା ।

ଏବଂ ଯେତେବେଳେ ସେମାନେ ତାହାଙ୍କୁ କ୍ରୁଶରେ କଣ୍ଟା ବାଡ଼େଇଲେ, ଏବଂ ସେ ଜଳ ପାଇଁ ଚିତ୍କାର କରିଥିଲେ । ରକ୍ତସ୍ରାବ କରୁଥିବା ଯେକୌଣସି ବ୍ୟକ୍ତି ଜଳ ଆବଶ୍ୟକ କରିଥାଏ ।

297 କଅଣ ଆପଣମାନଙ୍କର ମନେ ଅଛି କି ଯେତେବେଳେ ମୁଁ ଅନ୍ୟ ରାତିରେ ସେହି ବିଷୟ ଉପରେ ପ୍ରଚାର କରିଥିଲି "ସେହି ହରିଣ, ହରିଣୀ ଯେପରି ଜଳଧାରା ପାଇଁ ଧକାଏ, ଠିକ ସେହିପରି ମୋର ପ୍ରାଣ ତୁମ ପାଇଁ ଧକାଏ, ହେ ପରମେଶ୍ୱର"? ଯଦି ସେହି ହରିଣଟି

କ୍ଷତବିକ୍ଷତ ଏବଂ ଜୀବିତ ଥାଏ, ରକ୍ତସ୍ରାବ ହେଉଥାଏ, ତାହାହେଲେ ତାକୁ ତ ଜଳଧାରା ନିକଟକୁ ଯିବାକୁ ହିଁ ପଡ଼ିବ ନୋହିଲେ ସେ ମରିଯିବ ।

298 ଯେତେବେଳେ ମୋତେ ଚଉଦ ବର୍ଷ ବୟସ ହୋଇଥିଲା, ସେତେବେଳେ ମୋତେ କ୍ଷେତରେ, ଗୁଳି ବାଜି ଯାଇଥିଲା । ଏବଂ ମୁଁ ସେଠାରେ ପଡ଼ି ରହିଥିଲି । ମୋର ଗୋଡଗୁଡିକ, 12 ଗଜ୍ ଶଟ୍ଗନ ବନ୍ଧୁକରୁ, ଏକ ମାଂସମୟ ପାଉରୁଟି ହାମବର୍ଗର ପରି ଫାଟି ମୋ ଉପରେ ବିଞ୍ଚି ହୋଇଯାଇଥିଲା । ଏବଂ ମୁଁ ପାଣି ପାଇଁ ଚିତ୍କାର କରିଥିଲି, "ଓଃ, ମୋତେ ପିଇବାକୁ ଦିଅ!" ମୁଁ ଅଚେତ ହୋଇ ଯାଉଥିଲି; ମୋର ଓଠଗୁଡିକ ନିସ୍ତେଜ ହୋଇ ଯାଉଥିଲା ।

299 ମୋର ବନ୍ଧୁ ଏକ ପୁରୁଣା ପୁଷ୍କରିଣୀକୁ ଦୌଡ଼ିଗଲେ, ସେଥିରେ ସମସ୍ତ ପ୍ରକାରର ଛୋଟ ଛୋଟ ପୋକ ମାଛି କୀଟ ରହିଥିବା, ଜଳାଶୟ ଥିଲା । ମୋର କିଛି ଧ୍ୟାନ ନ ଥିଲା ଯେ ତାହା କଅଣ ଥିଲା । ଏବଂ ସେ ଏହାକୁ ପାଣିରେ ପରିପୂର୍ଣ୍ଣ କରି ଆଣିଲେ, ଏବଂ ମୁଁ ମୋର ପାଟି ମେଲା ରଖିଥିଲି, ଏବଂ ସେ ତାର ଟୋପିକୁ *ସେହିପରି* ଭାବରେ, ମୋ ପାଟିରେ ଚିପି ଦେଇଥିଲେ । ହଁ, ମୋତେ ପାଣି ପିଇବାକୁ ହିଁ ଥିଲା ।

300 ସେ ରକ୍ତସ୍ରାବ କରୁଥିଲେ । ସେ କହିଲେ, "ମୋତେ ପାନ କରିବାକୁ ଦିଅ ।" ଏବଂ ସେମାନେ ତାଙ୍କୁ ଏକ ସ୍ପଞ୍ଜରେ ଅମ୍ଳରସ ଦେଇଥିଲେ, ଏବଂ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ, ଏବଂ ମନା କରି ଦେଇଥିଲେ । ସେ ପରମେଶ୍ୱରଙ୍କ ମେଷଶାବକ ଆମ ସ୍ଥାନରେ ମୃତ୍ୟୁବରଣ କରୁଥିଲେ, ଯେପରିକି ମନୁଷ୍ୟ ସହିତ ପୁନର୍ମିଳନ କରାଯାଏ । ଏହା କଅଣ ଥିଲା? ସ୍ୱର୍ଗର ପରମେଶ୍ୱର ।

301 ବିଲି ସଣ୍ଡେ ଥରେ କହିଥିଲେ, ଯେ, "ପ୍ରତ୍ୟେକ ବୁନ୍ଦାରେ ସ୍ୱର୍ଗଦୂତମାନେ ବସି ରହିଥିଲେ, ଓ କହୁଥିଲେ, 'କେବଳ ନିଜର ହାତକୁ ଟାଣି ନିଜ ଆଙ୍ଗୁଳିରେ ଇଶାରା କରି ଦିଅ, ଆମେମାନେ ପରିସ୍ଥିତିକୁ ପରିବର୍ତ୍ତନ କରି ଦେବୁ ।'"

302 ଧାର୍ମିକ ଉନ୍ମାଦକାରୀମାନଙ୍କର ସେହି ଦାମ୍ଭିକ ସମୂହ, କୌଣସି ଡି.ଡି., ପିଏଚ୍.ଡି. ଉପାଧି ପ୍ରାପ୍ତ ବଡ଼ ଶିକ୍ଷିତ ପଣ୍ଡିତମାନେ, ତାହାଙ୍କ ପାଖ ଦେଇ ଚାଲିଗଲେ ଓ କହିଲେ, "ତେବେ, ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର, ତୁମେ ଅନ୍ୟମାନଙ୍କୁ ରକ୍ଷା କରିଛ, ତୁମେ ନିଜକୁ ରକ୍ଷା କରିପାରୁ ନାହଁ, କ୍ରୁଶରୁ ଓହ୍ଲାଇ ଆସ, ଏବଂ ଆମେ ତୁମକୁ ବିଶ୍ୱାସ କରିବୁ ।"

303 ସେମାନେ ଜାଣି ନ ଥିଲେ ଯେ ସେମାନେ ତାହାଙ୍କୁ ପ୍ରଶଂସାର କୃତାଞ୍ଜଳି ଅର୍ପଣ କରୁଛନ୍ତି । ସେ ନିଜକୁ ରକ୍ଷା କରି ପାରିଥାନ୍ତେ । କିନ୍ତୁ ଯଦି ସେ ନିଜକୁ ରକ୍ଷା କରିଥାଆନ୍ତେ, ତେବେ ଅନ୍ୟମାନଙ୍କୁ ସେ ରକ୍ଷା କରିପାରି ନ ଥାଆନ୍ତେ । ତେଣୁକରି, ସେ ଆପଣାକୁ ବଳିଦାନ କରି ଦେଲେ । ତାହାଙ୍କର ନାମ ଧନ୍ୟ ହେଉ । ସେ ଆପଣାକୁ ବଳିଦାନ କରି ଦେଲେ, ଯେପରିକି ମୁଁ ଉଦ୍ଧାର କରା ଯାଇପାରିବି ଏବଂ ଆପଣ ଉଦ୍ଧାର କରା ଯାଇପାରିବେ । ଓଃ, କି ଅତୁଳନୀୟ ପ୍ରେମ!

304 ତାହାଙ୍କୁ ଅସୁସ୍ଥ ହେବାର କୌଣସି ପ୍ରୟୋଜନ ନ ଥିଲା । ସେହି ମୂଲ୍ୟବାନ କୁମାରୀ-ଜନ୍ମିତ ଶରୀରକୁ ଅସୁସ୍ଥ ହେବାର କୌଣସି ଦରକାର ନ ଥିଲା । ମାତ୍ର ସେ ଅସୁସ୍ଥ ହେଲେ, ଯେପରିକି ସେ ମୋ ପାଇଁ ସେତେବେଳେ ମଧ୍ୟସ୍ଥି କାର୍ଯ୍ୟ କରିପାରିବେ ଯେତେବେଳେ ମୁଁ ଅସୁସ୍ଥ ହେବି ।

305 ତାହାଙ୍କୁ କ୍ଲାନ୍ତ ହେବାର କୌଣସି ପ୍ରୟୋଜନ ନ ଥିଲା, ମାତ୍ର ସେ କ୍ଲାନ୍ତ ହୋଇଥିଲେ । ମୁଁ ଥରେ ଏହା ଉପରେ ଗୋଟିଏ ଇତିହାସ ପଢ଼ିଥିଲି, ମୁଁ ଜାଣେ ନାହିଁ ଯେ ଏହା ପ୍ରାମାଣିକ ଅଟେ କି ନୁହେଁ । "ଯେତେବେଳେ ସେ ସେଠାରେ ନାଇନ୍ ନଗରରେ ସେହି ବାଳକକୁ, ମୃତ୍ୟୁରୁ ପୁନରୁତ୍‌ଥିତ କଲେ, ସେତେବେଳେ ସେ ଏକ ପଥର ଉପରେ ବସି ପଡ଼ି ମୁଣ୍ଡବ୍ୟଥାରେ କ୍ରନ୍ଦନ କରିଥିଲେ," କାରଣ ତାହାଙ୍କୁ ଆମର ଅସୁସ୍ଥତାକୁ ସହିବାକୁ ପଡିଥିଲା ।

306 ତାହାଙ୍କୁ ଆମର ପାପକୁ ସହିବାକୁ ପଡିଥିଲା, ଏବଂ ସେଠାରେ ସେ ମୃତ୍ୟୁବରଣ କଲେ, ଏବଂ କାଲଭରୀଠାରେ ଯେତେବେଳେ ସେହି ପୁରୁଣା ମହୁମାଛି ଏବଂ ମୃତ୍ୟୁ ଥରେ ତାର ନାହୂଡକୁ ଭିତରେ ପୂରାଇ ଦେଇଥିଲା । କେହି ବି ଜାଣନ୍ତି, ଯେତେବେଳେ ଏକ ମହୁମାଛି ତାହାର ନାହୂଡକୁ ଭିତରେ ପୂରାଇ ଦିଏ, ଏହା ଆଉ ଦଂଶନ କରିପାରେ ନାହିଁ । ଯେତେବେଳେ ସେହି ମହୁମାଛି ଉଡିଥାଏ କିମ୍ବା କୌଣସି କୀଟ ଯିଏକି ଦଂଶନ କରିଥାଏ, ଯେତେବେଳେ ସେ ନିଜର ନାହୂଡକୁ ଭିତରେ ପୂରାଇ ଦିଏ, ତାହାପରେ ସେ ନାହୂଡକୁ ବାହାର କରେ । ସେ ଏବେ ସୁଦ୍ଧା ଏକ ମହୁମାଛି ହିଁ ଅଟେ ମାତ୍ର ତାହା ପାଖରେ କୌଣସି ନାହୂଡ ନାହିଁ । ଯାହାକିଛି ସେ କରିପାରେ ସେ କେବଳ ଗୁଜବ କରିପାରେ ଏବଂ ବହୁତ ଶବ୍ଦ କରିପାରେ ।

307 ତାହାହିଁ କେବଳ ମାତ୍ର ବିଷୟ ଅଟେ ଯାହାକି ମୃତ୍ୟୁ ସେହି ବିଶ୍ୱାସୀ ପ୍ରତି କରିପାରେ, ତାହା ହେଉଛି ବହୁତ ଶବ୍ଦ କରିବା । ମାତ୍ର, ହାଲ୍ଲେଲୁୟା, ପ୍ରଭୁଙ୍କ ନାମର ଧନ୍ୟ ହେଉ, ସେ ମୃତ୍ୟୁର ନାହୂଡକୁ ତାହାଙ୍କ ନିଜ ଦେହ ଭିତରେ ନେଇ ନେଲେ । ଇମ୍ମାନୁୟେଲ୍ ଏହା କରିଥିଲେ । ତୃତୀୟ ଦିନରେ, ପୁନର୍ବାର ଉଠିଲେ, ସେଥିରୁ ନାହୂଡକୁ ଝାଡି ବାହାର କରି ଦେଲେ, ଏବଂ ଆଜି ରାତି ଅମର ଅଛନ୍ତି । ଏବଂ ତାହାଙ୍କର ଆତ୍ମା ଏହି ଭବନରେ ଅଛି, ଏବଂ ସେ ନିଜକୁ ଆମ ମଧ୍ୟରେ ଜୀବନ୍ତ ପ୍ରମାଣ କରୁଛନ୍ତି । ତାହା ହେଉଛନ୍ତି ଆମର ମଶୀହ । ତାହା ହେଉଛନ୍ତି ଆମର ଆଶୀଷିତ ତ୍ରାଣକର୍ତ୍ତା ।

57-0828 ଏବ୍ରୀ, ଅଧ୍ୟାୟ ଦୁଇ #3

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org